**ସ୍ୱାଭିମାନ ଅଞ୍ଚଳରେ ଶିକ୍ଷାର ନୂତନ ଆଲୋକବର୍ତ୍ତିକା**

# ବଡ଼ପଡ଼ାରେ ନୂତନ ଶିକ୍ଷାସୌଧ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୪ ।୩(ସମିସ):** ସ୍ୱାଭିମାନ ଅଞ୍ଚଳରେ ସୃଷ୍ଟି ହୋଇଛି ଶିକ୍ଷାର ନୂତନ ଆଲୋକବର୍ତ୍ତିକା। ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥା ସହ ଉନ୍ନତ ଶୈକ୍ଷିକ ବାତାବରଣ ସ୍ୱାଭିମାନ ଅଞ୍ଚଳକୁ ନୂତନ ପରିଚୟ ପ୍ରଦାନ କରିବ। ଆଧୁନିକ ଶିକ୍ଷାନୁଷ୍ଠାନ ପରି ସମସ୍ତ ସୁବିଧା ସୁଯୋଗ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ିବା ପାଇଁ ଆକୃଷ୍ଟ କରିବ। ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳର ବଡପଡ଼ାଠାରେ ନିର୍ମିତ ଏହି ଅତ୍ୟାଧୁନିକ ଶିକ୍ଷା ସୌଧକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ୭ ଏକର ପରିମିତ ଜମିରେ ସ୍ଥାପନ କରାଯାଇଥିବା ଏହି ଆଧୁନିକ ଶିକ୍ଷା ସୌଧ ନିର୍ମାଣ ପାଇଁ ପ୍ରାୟ ୧୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଠାରେ ପ୍ରଥମରୁ ଉଚ୍ଚ ମାଧ୍ୟମିକ ଅର୍ଥାତ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ହଜାରେରୁ ଅଧିକ ପିଲା ଗୋଟିଏ ସ୍ଥାନରେ ଶିକ୍ଷା ଲାଭ କରିପାରିବେ।

ଭବିଷ୍ୟତ ପାଇଁ ପିଲାଙ୍କୁ ପ୍ରସ୍ତୁତ କରିବା ପାଇଁ ଏଥିରେ ସମସ୍ତ ଆଧୁନିକ ସୁବିଧା ସୁଯୋଗ ଉପଲବ୍ଧ ରହିଛି। ସ୍ମାର୍ଟ କ୍ଲାସ ରୁମ ସହିତ ୩ ହଜାର ପୁସ୍ତକ ବିଶିଷ୍ଟ ଇ-ଲାଇବ୍ରେରୀ, ଟ୍ରାଇବାଲ କର୍ଣ୍ଣର, କୁନି ପିଲାଙ୍କ ଆକ୍ଟିଭିଟି ରୁମ, ଏନ୍‌ସିସି ପ୍ରକୋଷ୍ଠ, କମ୍ପ୍ୟୁଟର ଲ୍ୟାବ୍, ଆଇସିଟି ସ୍ମାର୍ଟ ଲର୍ଣ୍ଣିଂ ସେଣ୍ଟର, ବିଜ୍ଞାନ ପରୀକ୍ଷାଗାର, ୨ଶହ ଆସନ ବିଶିଷ୍ଟ ଛାତ୍ରାବାସ ଓ ୫ଶହ ଆସନ ବିଶିଷ୍ଟ ଛାତ୍ରୀନିବାସ, ଆମ୍ଫିଥିଏଟର୍, ସୁଦୃଶ୍ୟ ବଗିଚା, ସ୍ପୋର୍ଟ୍ସ କୋର୍ଟ, ମୁକ୍ତାକାଶ ବ୍ୟାୟାମ କେନ୍ଦ୍ର, ସୋଲାର ଲାଇଟିଂ, ସୋଲାର୍ ମାଧ୍ୟମରେ ଜଳ ଯୋଗାଣ, ଜଳ ଅମଳ ବ୍ୟବସ୍ଥା ପରି ଆହୁରି ଅନେକ ସୁବିଧା ରହିଛି।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ମାଲକାନଗିରି ସବୁବେଳେ,



ସବୁ କାମରେ ତାଙ୍କର ପ୍ରଥମ ପସନ୍ଦ ହୋଇ ରହିଛି। ଟଙ୍କିକିଆ ଚାଉଳ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବା ଲକ୍ଷ୍ମୀ ଯୋଜନା ପରି ବହୁ ଲୋକଭିମୁଖୀ କାର୍ଯ୍ୟକ୍ରମକୁ ସେ ମାଲକାନାଗିରି ଜିଲ୍ଲାରୁ ପ୍ରଥମେ ଆରମ୍ଭ କରିଥିବା କହିଛନ୍ତି। ବଡପଡ଼ାଠାରେ ନିର୍ମିତ ଅତ୍ୟାଧୁନିକ ଶିକ୍ଷା ସୌଧ ପାଇଁ ସେ ଆନନ୍ଦ ପ୍ରକାଶ କରି କହିଛନ୍ତି, ପିଲାମାନଙ୍କ ପାଠ ପଢ଼ାରେ ସୁବିଧା ତଥା ସେମାନଙ୍କ ବ୍ୟକ୍ତିତ୍ୱ ବିକାଶ ପାଇଁ ଏହି ଅନୁଷ୍ଠାନ ଗଢ଼ା ଯାଇଛି। ସହରର ଆଧୁନିକ ଶିକ୍ଷାନୁଷ୍ଠାନ ଠାରୁ ଏଠାରେ ଉପଲବ୍ଧ ସୁବିଧା କମ୍ ନୁହେଁ। ସ୍ୱାଭିମାନ ଅଞ୍ଚଳର ପିଲାମାନେ ଏହାର ସୁଯୋଗ ନେଇ ନିଜ

- **ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ହଜାରେରୁ ଅଧିକ ପିଲା ପଢ଼ିବେ**
- **'୫-ଟି' ଉପକ୍ରମରେ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା, ଖର୍ଚ୍ଚ ୧୯ କୋଟି**
- **ବିକାଶ କାମରେ ମାଲକାନଗିରି ମୋର ପ୍ରଥମ ପସନ୍ଦ: ମୁଖ୍ୟମନ୍ତ୍ରୀ**
- **ଆଗାମୀ ଦିନରେ ସ୍ୱାଭିମାନ ଅଞ୍ଚଳରେ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରାଯିବ: '୫-ଟି' ଅଧ୍ୟକ୍ଷ**

ପାଇଁ ଏକ ସୁନ୍ଦର ଭବିଷ୍ୟତ ଗଢ଼ିବେ ବୋଲି ସେ ଆଶା ଓ ବିଶ୍ୱାସ ପ୍ରକଟ କରିଛନ୍ତି। ପିଲାମାନଙ୍କୁ ପରାମର୍ଶ ଦେଇ ସେ କହିଛନ୍ତି, ଶୃଙ୍ଖଳା, ପ୍ରତିବଦ୍ଧତା ସହିତ କଠିନ ପରିଶ୍ରମ ଓ ନିଷ୍ଠାର ସହ କାମ କଲେ ସଫଳତାର ମାର୍ଗ ପ୍ରଶସ୍ତ ହୁଏ। ଶିକ୍ଷା ସୌଧରେ ଥିବା ସମସ୍ତ ସୁବିଧାର ଉପଯୋଗ କରି ନିଜ ପ୍ରତିଭା ବିକଶିତ କରିବା ପାଇଁ କାମ କରି ନିଜ ପରିବାର, ନିଜ ସ୍କୁଲ ଓ ନିଜ ଗାଁ ପାଇଁ ସୁନାମ ଆଣିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ପିଲାମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୫-ଟି ଉପକ୍ରମରେ ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ପିଲାମାନଙ୍କୁ ମନରେ ବଡ଼ ହେବା ପାଇଁ ଆତ୍ମବିଶ୍ୱାସ ସୃଷ୍ଟି କରିଛି। ଅନୁସୂଚିତ ଜାତି ଓ ଜନଜାତି ପିଲାମାନେ ପାଠପଢ଼ାରୁ ଆରମ୍ଭ କରି ଖେଳକୁଦ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ବହୁତ ଭଲ ପ୍ରଦର୍ଶନ କରୁଥିବା କହି ଖୁସି ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଯୋଗଦେଇ କହିଛନ୍ତି, ଆଗାମୀ ଦିନରେ ସ୍ୱାଭିମାନ ଅଞ୍ଚଳରେ ଏକ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହା ମାଧ୍ୟମରେ ସ୍ୱାଭିମାନ ଅଞ୍ଚଳର ଯୁବଗୋଷ୍ଠୀ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ପାଇପାରିବେ। ସେହିପରି ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ ମାଲକାନଗିରି ଜିଲ୍ଲାରୁ ହିଁ ଆରମ୍ଭ କରାଯାଇଛି। ସ୍ୱାଭିମାନ ଅଞ୍ଚଳର ବିକାଶ ପାଇଁ ସେତୁ ଯୋଜନାର ପରିକଳ୍ପନା କରି ସଠିକ୍ ଭାବେ କାର୍ଯ୍ୟାନ୍ୱୟନ କରାଯାଇଥିବାରୁ ଅଞ୍ଚଳରେ ଗମନାଗମନ, ସ୍ୱାସ୍ଥ୍ୟ ଓ ଶିକ୍ଷା ଭିତ୍ତିଭୂମିର ବିକାଶ ହୋଇପାରିଥିବା ସେ କହିଛନ୍ତି। ମାଲକାନଗିରି ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲା ପରିଷଦ ସଭାପତି ସମାରୀ ଟାଙ୍ଗୁଲୁ ଏହି ଶିକ୍ଷା ସୌଧ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ୫-ଟି ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ଉଦ୍ୟମର ଉଚ୍ଚପ୍ରଶଂସା କରିଛନ୍ତି।

# ଆରୋକସା ନିର୍ଦ୍ଦେଶକଙ୍କ ସମେତ ୩ ଜଣଙ୍କୁ ଜେଲ୍

**ଭୁବନେଶ୍ୱର, ୧୪ ।୩(ସମିସ):** ସଜା ହାରରେ ଓଡ଼ିଶା ଇଓଡବ୍ଲ୍ୟୁ (ଅର୍ଥନୈତିକ ଅପରାଧ ଶାଖା)ଦେଶରେ ପ୍ରଥମସ୍ଥାନ ଅଧିକାର କରିଛି। ସମସ୍ତ ମାମଲାରେ ଇଓଡବ୍ଲ୍ୟୁ ଗିରଫ କରିଥିବା ଅଭିଯୁକ୍ତଙ୍କୁ ଦଣ୍ଡ ଦେବାକୁ ସମର୍ଥ ହୋଇଛି। ଅନ୍ୟପକ୍ଷରେ ଆରୋକସା ଡିଲ ମଲ୍ଟିଟ୍ରେଡ୍ ଚିଟ୍‌ଫଣ୍ଡ ଠକେଇ ସଂସ୍ଥାର ନିର୍ଦ୍ଦେଶକ ତଥା ପ୍ରମୋଟର ବାବୁ ସିଂ କୁଶୱାହା ସମେତ ଦୁଇଜଣ ସଦସ୍ୟ ଶରତ ନାୟକ ଏବଂ ପ୍ରଭାତ ରଞ୍ଜନ ଦାଶଙ୍କୁ ଆଜି ଜେଲ ଦଣ୍ଡାଦେଶ ହୋଇଛି। ବାଲେଶ୍ୱର ଓପିଆଇଡି କୋର୍ଟ ଏହି ଚିଟ୍‌ଫଣ୍ଡ ମାମଲାର ଶୁଣାଣି କରି ଦଣ୍ଡାଦେଶ ଦେଇଛନ୍ତି। ବାବୁ ସିଂ କୁଶୱାହାଙ୍କୁ ୭ ବର୍ଷ ଜେଲ୍ ଦଣ୍ଡ ସହ ୩.୪୫ ଲକ୍ଷ ଟଙ୍କା ଜରିମାନା ଦାଖଲ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଦୁଇ ସଦସ୍ୟ ଶରତ କୁମାର ନାୟକ ଏବଂ ପ୍ରଭାତ ରଞ୍ଜନ ଦାସ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପ୍ରତ୍ୟେକଙ୍କୁ ୫ ବର୍ଷ ଜେଲ୍ ଦଣ୍ଡ ସହ ୧.୨୫ ଲକ୍ଷ ଟଙ୍କା ଜରିମାନା ଆଦେଶ ହୋଇଛି। ଜରିମାନା ଅନାଦେୟ ହେଲେ, ପ୍ରତ୍ୟେକଙ୍କୁ ଅଧିକ ଏକ ବର୍ଷ ଜେଲ୍ ଦଣ୍ଡ ଆଦେଶ ହୋଇଛି। ଆରୋକସା ଡିଲ ମଲ୍ଟିଟ୍ରେଡ୍ ଚିଟ୍‌ଫଣ୍ଡ ନାମରେ ଚନ୍ଦ୍ରକାନ୍ତ ଦାଶ ଏବଂ ଅନ୍ୟମାନେ ଠକେଇ ଅଭିଯୋଗ କରିଥିଲେ।

# ଯୁବପିଢ଼ିଙ୍କ କ୍ରୀଡ଼ା ପ୍ରତିଭାକୁ ବିକଶିତ କରୁଛି ବହୁମୁଖୀ ଇନଡୋର ଷ୍ଟାଡିୟମ

**ଭୁବନେଶ୍ୱର,୧୪ ।୩(ସମିସ):** ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭା ବିକଶିତ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ କରାଯାଉଛି। ଏହି କ୍ରମରେ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ବହୁମୁଖୀ ଇନଡୋର ଷ୍ଟାଡିୟମ ନିର୍ମାଣ କରାଯାଉଛି। ରାଜ୍ୟର ୫ଟି ଖଣି ପ୍ରଭାବିତ

- **୫ଟି ଖଣି ପ୍ରଭାବିତ ଜିଲ୍ଲାରେ ୧୧ଟି ବହୁମୁଖୀ ଇନଡୋର ଷ୍ଟାଡିୟମ**
- **ପ୍ରାକୃତିକ ଦୁର୍ବିପାକ ବେଳେ ଆଶ୍ରୟସ୍ଥଳ ଭାବେ କାମ କରିବ**

ଜିଲ୍ଲାର ୧୧ଟି ସହରରେ ଷ୍ଟାଡିଅମ୍ ନିର୍ମାଣ କରାଯାଇଛି। ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ବାଡସି) ଆର୍ଥିକ ସହାୟତା ପ୍ରଦାନ କରିଛି। ଓମ୍ବାଡସି ସହାୟତାରେ ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼ ଓ ବ୍ରଜରାଜନଗର, ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା, ବୀରମିତ୍ରପୁର ଓ ରାଜଗାଙ୍ଗପୁର, କେନ୍ଦୁଝର ଜିଲ୍ଲାର ବଡ଼ବିଲ, ଯୋଡା, ଆନନ୍ଦପୁର ଓ ଚମ୍ପୁଆ, ମୟୂରଭଞ୍ଜ ଜିଲ୍ଲାର ଉଦଳା ଏବଂ ଯାଜପୁର ଜିଲ୍ଲାର ବ୍ୟାସନଗରଠାରେ ଏହି ବହୁମୁଖୀ ଇନଡୋର ଷ୍ଟାଡିୟମ ନିର୍ମାଣ କରାଯାଇଛି। ଆଧୁନିକ ଢାଞ୍ଚାରେ ଏହି ବହୁମୁଖୀ ଇନଡୋର ଷ୍ଟାଡିୟମ ନିର୍ମାଣ କରାଯାଇଛି। ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ଏହାକୁ ଆଶ୍ରୟସ୍ଥଳ ଏବଂ କୋଭିଡ୍ ଭଳି ମହାମାରୀ ସମୟରେ ମଧ୍ୟ ଲୋକମାନଙ୍କ ସୁବିଧା ପାଇଁ ଏହାକୁ ବ୍ୟବହାର କରାଯାଇପାରିବ।

ବହୁମୁଖୀ ଇନଡୋର ଷ୍ଟାଡିୟମରେ ଭାରତୋଳନ, ବ୍ୟାଡମିଣ୍ଟନ ଏବଂ ଟେବୁଲ୍ ଟେନିସ୍ କୋର୍ଟ ନିର୍ମାଣ କରାଯାଇ ଯୁବପିଢ଼ିଙ୍କୁ ନିୟମିତ ଅଭ୍ୟାସ କରିବାର ସୁବିଧା ଦିଆଯାଉଛି। ଫଳରେ ସେମାନଙ୍କ ମଧ୍ୟରେ ଜାତୀୟସ୍ତରର ପ୍ରତିଯୋଗିତା ଲାଗି ଆଗ୍ରହ ସୃଷ୍ଟି ହେଉଛି। ଶାରୀରିକ ସୁସ୍ଥତା ପାଇଁ ଷ୍ଟାଡିୟମ ପରିସରରେ ଆଧୁନିକ ବ୍ୟାୟାମ ଓ ଯୋଗାଭ୍ୟାସ କେନ୍ଦ୍ର ମଧ୍ୟ କରାଯାଉଛି। ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀ, ଯୁବପିଢ଼ି ଏବଂ ସ୍ଥାନୀୟ ଅଞ୍ଚଳର ଖେଳାଳିଙ୍କ ସହିତ ବିଭିନ୍ନ ବର୍ଗର ଲୋକ ଏହି କେନ୍ଦ୍ରକୁ ଆସି ବ୍ୟାୟାମ ଓ ଯୋଗାଭ୍ୟାସ କରୁଛନ୍ତି। ବ୍ୟାୟାମ ପାଇଁ ଆଧୁନିକ ଉପକରଣ ସହିତ ପ୍ରଶିକ୍ଷକ ମଧ୍ୟ ନିୟୋଜିତ ହୋଇଛନ୍ତି। ଖଣି ପ୍ରଭାବିତ ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା, ପାନୀୟ ଜଳ, ରାସ୍ତା ସଂଯୋଗୀକରଣ ଏବଂ ଜୀବିକା ଆଦି କ୍ଷେତ୍ରରେ ଓମ୍ବାଡସି ସହାୟତାରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି।

# ଜଳ ଓ ପରିମଳ ସେବା କ୍ଷେତ୍ରରେ 'ରୁଆଣ୍ଡା'କୁ ସହଯୋଗ କରିବ ଓଡ଼ିଶା

**ଭୁବନେଶ୍ୱର,୧୪ ।୩(ସମିସ):** ରାଜ୍ୟର ସହରାଞ୍ଚଳଗୁଡ଼ିକରେ ପୋଷଣୀୟ ପାନୀୟ ଜଳ ଯୋଗାଣ ଏବଂ ପରିମଳ ସେବା ଯୋଗାଇବା କ୍ଷେତ୍ରରେ ଓଡ଼ିଶା ସରକାର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସହାରାଞ୍ଚଳ ପାନୀୟ

**ଓଡ଼ିଶାର ରୂପାନ୍ତରଣ କାର୍ଯ୍ୟକୁ ପ୍ରତିନିଧିଙ୍କ ପ୍ରଶଂସା**

ଜଳଯୋଗାଣ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ୨୪ଘଣ୍ଟିଆ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ବ୍ୟବସ୍ଥା ସାରା ବିଶ୍ୱରେ ପ୍ରଶଂସିତ ହେବା ସହ ଏହା ଅନ୍ୟ ରାଜ୍ୟ ତଥା ଅନ୍ୟ ଦେଶ ପାଇଁ ଅନୁକରଣୀୟ ହୋଇଛି। ୬ଦିନିଆ ଓଡ଼ିଶା ଗସ୍ତରେ ଓଡ଼ିଶା ଆସି 'ରୁଆଣ୍ଡା' ସରକାରଙ୍କ ୮ଜଣିଆ ପ୍ରତିନିଧି ଦଳ ଏହା କହିଛନ୍ତି। ଏହି ପ୍ରତିନିଧି ଦଳ ରାଜ୍ୟର ବିଭିନ୍ନ ସ୍ଥାନରେ ଜଳ ଓ ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରିବା ପରେ ଗୁରୁବାର ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥିନନ୍‌ଙ୍କ ଉପସ୍ଥିତିରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ରୁଆଣ୍ଡା ସରକାର ଏବଂ ପ୍ରମୁଖ ସଂସ୍ଥାଗୁଡ଼ିକର ଭୂମିକାକୁ ଉନ୍ନତ କରିବାକୁ ଓଡ଼ିଶା ସରକାରଙ୍କ ସମ୍ଭାବ୍ୟ ସହାୟତା ସମ୍ପର୍କରେ ଏଠାରେ ଆଲୋଚନା କରାଯାଇଥିଲା। ପ୍ରତିନିଧିଦଳ ଓଡ଼ିଶାର ରୂପାନ୍ତରଣ କାର୍ଯ୍ୟକୁ ମଧ୍ୟ ପ୍ରଶଂସା କରିଥିଲେ। ମାର୍ଚ୍ଚ ୧୧ରୁ ୧୬ତାରିଖ ପର୍ଯ୍ୟନ୍ତ ଆସିଥିବା 'ରୁଆଣ୍ଡା' ସରକାରଙ୍କ ଭିତ୍ତିଭୂମି ବିକାଶ ମନ୍ତ୍ରାଳୟ (ମିନିଇନ୍‌ଫ୍ରା) ବିଭାଗ, ଜଳ ଓ ପରିମଳ ନିଗମ (ୱାସାକ), ୱାଟର ଫର ପିପୁଲ ଏବଂ ଆଇଆରସି ଆନ୍ତର୍ଜାତିକ ସ୍ତରୀୟ ସ୍ୱେଚ୍ଛାସେବୀ ସଂଗଠନର ଉଚ୍ଚ କର୍ତ୍ତୃପକ୍ଷ ଏହି ପ୍ରତିନିଧି ଦଳରେ ସାମିଲ ହୋଇଛନ୍ତି। ଏହି ପ୍ରତିନିଧିଦଳ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ମଧ୍ୟ ସାକ୍ଷାତ କରି ଆଲୋଚନା କରିଥିଲେ।












## ମୈତ୍ରୀ ବିହାର ଥାନା ପାଇଁ ଶିଳାନ୍ୟାସ

**ଭୁବନେଶ୍ୱର, ୧୪।୩ (ସମିସ):** ମୈତ୍ରୀ ବିହାର ଥାନା ନୂତନ କୋଠା ପାଇଁ ଗୁରୁବାର ଶିଳାନ୍ୟାସ କରାଯାଇଛି। ଦ୍ୱୈତ ନଗରୀର ପୁଲିସ କମିସନର୍ ସଞ୍ଜୀବ ପଣ୍ଡା ଭୂମି ପୂଜନ କରିଛନ୍ତି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଅତିରିକ୍ତ ପୁଲିସ କମିସନର ଅବିନାଶ କୁମାର, ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ ଓ ଅନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ମଡେଲ ଢାଞ୍ଚାରେ ୩ ମହଲା ବିଶିଷ୍ଟ ନୂତନ ଥାନା ନିର୍ମାଣ ହେବ। ଲୋକମାନଙ୍କ ଅନୁକୂଳ ଢାଞ୍ଚାରେ ନିର୍ମାଣ କରାଯିବ। ଅଭ୍ୟର୍ଥନା, ପ୍ରତୀକ୍ଷା କକ୍ଷ, ମହିଳା ଏବଂ ଶିଶୁ ଡେସ୍କ, ପିଲାମାନଙ୍କ ଖେଳିବା ଲାଗି 'ଶିଶୁ ଗୃହ' ବ୍ୟବସ୍ଥା ରହିବ। ସେହିପରି ଡିସିଓ ରୁମ୍, ପୁରୁଷ ଓ ମହିଳା ହାଜତ, କାଉନସେଲିଂ କକ୍ଷ, ସର୍ଭର ରୁମ, ଭିଏଚଏଫ କଣ୍ଟ୍ରୋଲ ରୁମ, ଥାନା ଅଧିକାରୀଙ୍କ ଚାମ୍ବର, ଅତିରିକ୍ତ ଥାନା ଅଧିକାରୀଙ୍କ ଚାମ୍ବର, ରିଡର୍ ରୁମ୍, ସିସିଟିଏନଏସ ପରିଚାଳନା କକ୍ଷ, ଅଧିକାରୀଙ୍କ ରୁମ୍, ପାନୀୟ ଜଳ ବ୍ୟବସ୍ଥା, ଥାନାକୁ ଆସୁଥିବା ପୁରୁଷ, ମହିଳା ଓ ଭିନ୍ନକ୍ଷମଙ୍କ ପାଇଁ ଅଲଗା ଶୌଚାଳୟ ବ୍ୟବସ୍ଥା ରହିବ। ମହିଳା ପୁଲିସ ମାନେ ପୋଷାକ ବଦଳାଇବା ଲାଗି ସ୍ୱତନ୍ତ୍ର ରୁମର ବ୍ୟବସ୍ଥା କରାଯିବ।

## ଗଣ୍ଡଗୋଳ ଅଭିଯୋଗରେ ୨ ଗିରଫ

**ଭୁବନେଶ୍ୱର, ୧୪।୩(ସମିସ):** ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ କରୁଥିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ସାଲିଆ ସାହିର ଶଙ୍କର ନାୟକ (୨୪) ଓ ଚନ୍ଦନ ପାତ୍ର (୨୫)। ସୂଚନା ଅନୁସାରେ, ଶଙ୍କର ଓ ଚନ୍ଦନ ସାଲିଆ ସାହିରେ ରୁହନ୍ତି। ପୂର୍ବ ବିବାଦକୁ କେନ୍ଦ୍ରକରି ବୁଧବାର ରାତିରେ ଦୁଇ ଜଣ ଯାକ ପରସ୍ପରକୁ ଆକ୍ରମଣ କରିବା ସହିତ ଉଭୟପକ୍ଷର ମହିଳା ସଦସ୍ୟଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହିତ ସେମାନଙ୍କୁ ପେଲାଠେଲା କରି ଧମକ ଚମକ ଦେଇଥିଲେ। ଉଭୟ ପକ୍ଷ ପରସ୍ପର ବିରୋଧରେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଦୁଇଟି ମାମଲା ରୁଜୁ କରିଥିଲା। ପରେ ଦୁଇ ପକ୍ଷରୁ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

## ସାଲିଆସାହିରୁ ମଦ ବେପାରୀ ଗିରଫ

**ଭୁବନେଶ୍ୱର, ୧୪।୩(ସମିସ):** ଦେଶୀମଦ ପ୍ରସ୍ତୁତ କରି ଅଟୋରେ ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆସାହି ଶକ୍ତି ବିହାରର ଲାଲମୋହନ ସିଂହ(୪୫)। ପୁଲିସ ସୂଚନା ଅନୁସାରେ, ମୈତ୍ରୀ ବିହାର ଥାନାର ଏକ ସ୍ପେଶାଲ ଟିମ୍ ସାଲିଆ ସାହି ଶକ୍ତିବିହାର ଅଞ୍ଚଳରେ ଅତର୍କିତ ଚଢ଼ଉ କରିବା ସହ ବେଆଇନ ଦେଶୀ ମଦ ପ୍ରସ୍ତୁତି କରି ନିଜ ଅଟୋ ଜରିଆରେ ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିବା ଓ ସର୍ବସାଧାରଣରେ ବିକ୍ରୟ କରିବା ଅଭିଯୋଗରେ ଲାଲମୋହନକୁ କାବୁ କରିଥିଲା। ତା' ହେପାଜତରୁ ମୋଟ ୧୮୦ ଲିଟର ଦେଶୀ ମଦ ସହିତ ମଦ ପ୍ରସ୍ତୁତି ଉପକରଣ ଓ ଏକ ଅଟୋ ଜବତ କରିଥିଲେ। ଏ ନେଇ ମୈତ୍ରୀ ବିହାର ଥାନା ପୁଲିସ ଏକ ମାମଲା ରୁଜୁକରି ଲାଲମୋହନକୁ କୋର୍ଟ ଚାଲାଣ କରିଛି ପୁଲିସ।

## ମାସକରେ ୮ ଲକ୍ଷର ବ୍ରାଉନ୍‌ସୁଗର୍ ଓ ୧୧୧ କିଲୋ ଗଞ୍ଜେଇ ଜବତ

**ଭୁବନେଶ୍ୱର, ୧୪।୩(ସମିସ):** ରାଜଧାନୀରେ ନିଶା କାରବାର ରୋକିବା ଲାଗି 'ଅପରେସନ ହ୍ୱାଇଟ୍ ସ୍ୱାଇଡର୍'କୁ ଜୋର୍‌ଦାର କରାଯାଇଛି। ୨୦୨୧ ମସିହା ଅଗଷ୍ଟ ମାସରୁ ଆରମ୍ଭ କରାଯାଇଥିବା 'ଅପରେସନ୍ ହ୍ୱାଇଟ୍ ସ୍ୱାଇଡର୍' ଦ୍ୱାରା ଗତ ଫେବୃୟାରୀ ମାସରେ ୮୩ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର୍ ଓ ୧୧୧ କିଲୋ ଗଞ୍ଜେଇ ଜବତ କରାଯାଇଛି। ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାର ବିଭିନ୍ନ ଥାନାରେ ଫେବୃୟାରୀ ମାସରେ ୭ଟି ବେଆଇନ ବ୍ରାଉନ୍‌ସୁଗର୍ କାରବାରଜନିତ ମାମଲା ରୁଜୁ ହୋଇଥିବା ବେଳେ ୧୦ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୮୩ଗ୍ରାମ୍ ୮୨୦ ମିଲିଗ୍ରାମ୍ ଓଜନର ବ୍ରାଉନ୍‌ସୁଗର୍, ୩ଲକ୍ଷ ୪୦ହଜାର ୯୧୫ଟଙ୍କା, ୩ଟି ଦୁଇଚକିଆ ଯାନ ଓ ୪ଟି ମୋବାଇଲ ଫୋନ୍ ଜବତ ହୋଇଛି। ସେହିପରି ୮ଟି ବେଆଇନ ଗଞ୍ଜେଇ ବିକ୍ରିଜନିତ ମାମଲା ରୁଜୁ କରାଯାଇ ମୋଟ ୧୫ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ହେପାଜତରୁ ଏକ କ୍ୱିଣ୍ଟାଲ ୧୧କିଲୋ ୮୬୦ ଗ୍ରାମ୍ ଓଜନର ଗଞ୍ଜେଇ, ୨୧ ହଜାର ୨୩୦ ଟଙ୍କା, ଗୋଟିଏ ଚାରିଚକିଆ ଯାନ, ୨ଟି ଦୁଇଚକିଆ ଯାନ ଓ ୪ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି।

# ଡିଭାଇସ୍ ଲଗାଇ ଏଟିଏମ୍‌ରୁ ଦେଢ଼ ଲକ୍ଷ ଲୁଟ୍

**ଏସ୍‌ଓଜିର ଆକାଉଣ୍ଟାଣ୍ଟଙ୍କ ଖାତାରୁ ଟଙ୍କା ଗାଏବ**

**ଆନ୍ତଃରାଜ୍ୟ ସାଇବର୍ ଠକକୁ ବାନ୍ଧିଲା ପୁଲିସ**

**୧୧ଟି ଡେବିଟ୍ କାର୍ଡ ଓ ୪୦ହଜାର ଟଙ୍କା ଜବତ**

**ଭୁବନେଶ୍ୱର, ୧୪।୩(ସମିସ)**

ନୂଆ ଢାଞ୍ଚାରେ ଏଟିଏମ୍ କାର୍ଡରୁ ଠକେଇ। ଏଟିଏମ୍‌ରେ ଏକ ଡିଭାଇସ୍ ଲଗାଇ ଦେଇଥିବାରୁ ମେସିନ୍‌ରେ କାର୍ଡ ଫସି ରହିଥିଲା। ସହାୟତା ଆଳରେ ଏଟିଏମ୍ କାର୍ଡର ଚିପ୍‌କୁ ବଦଳାଇ ଆକାଉଣ୍ଟରୁ ଟଙ୍କା ଖାଲି କରିଦେଇଥିଲେ ଲୁଟେରା। ଚନ୍ଦକାସ୍ଥିତ ଏସ୍‌ଓଜିରେ କାର୍ଯ୍ୟରତ ଆକାଉଣ୍ଟାଣ୍ଟ ଚିନ୍ମୟ କୁମାର ଷଡ଼ଙ୍ଗୀଙ୍କ ଜମାଖାତାରୁ ୧ଲକ୍ଷ ୬୬ ହଜାର ୫୦୦ ଟଙ୍କା ଠକେଇ ଘଟଣାରେ ଆନ୍ତଃରାଜ୍ୟ ଠକେଇ ଗ୍ୟାଙ୍ଗର ଜଣେ ସଦସ୍ୟକୁ ଗିରଫ କରିଛି ସାଇବର୍ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଦିଲ୍ଲୀର ଅସଦ ଅଲ୍ଲୀ (୩୩)। ତା' ଠାରୁ ୧୧ଟି ଡେବିଟ୍ କାର୍ଡ, ନଗଦ ୪୦ହଜାର ଟଙ୍କା ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ସେହିପରି ଏଥିରେ ଆଉ ୪ଜଣଙ୍କ ସମ୍ପୃକ୍ତି ଜଣାପଡ଼ିଛି। ସେମାନଙ୍କୁ ଧରିବା ଲାଗି ଗୋଟିଏ ଟିମ୍ ରାଜ୍ୟ ବାହାରକୁ ଯାଇଥିବା ଜୋନ୍ ଏସିପି ଗୌତମ କିଶାନ ସୂଚନା ଦେଇଛନ୍ତି।



### ଫୋନ୍ କରି ଫସିଗଲେ

ଏସ୍‌ଓଜିରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟରତ ଚିନ୍ମୟ ଟଙ୍କା ଉଠାଇବା ଲାଗି ଫାୟାର୍ ଷ୍ଟେସନ ନିକଟରେ ଥିବା ଏକ କାଉଣ୍ଟରକୁ ଯାଇଥିଲେ। ଟଙ୍କା ଉଠାଣ ସମୟରେ ମେସିନ୍‌ରେ ତାଙ୍କ କାର୍ଡ ୧୦ ମିନିଟ୍ ଅଟକି ଯାଇଥିଲା। ସେଇ ସମୟରେ ଜଣେ ବ୍ୟକ୍ତି ଏଟିଏମ୍ କାଉଣ୍ଟର୍‌ରେ ଲାଗିଥିବା ହେଲ୍ପଲାଇନ୍ ନମ୍ବରରେ କଲ୍ କରି ସହାୟତା ମାଗିବାକୁ କହିଥିଲେ। ସେଇ ନମ୍ବରକୁ କଲ୍ କରିବା ପରେ ଫୋନ୍ ଉଠାଇଥିବା ବ୍ୟକ୍ତି ଆକାଉଣ୍ଟ ଓ କାର୍ଡ ସମ୍ବନ୍ଧୀୟ କିଛି ତଥ୍ୟ ମାଗିଥିଲେ। ସେଇ ତଥ୍ୟ ଦେଇସାରିବା ପରେ ତାଙ୍କ ପିନ୍‌କୋର୍ଡ ଏଟିଏମ୍ ମେସିନ୍‌ରେ ଟିପିବା ପରେ କାର୍ଡଟି ବାହାରକୁ ବାହାରି ଆସିଥିଲା। କିନ୍ତୁ ଏହାର ୨୦ରୁ ୨୫ ମିନିଟ୍ ପରେ ତାଙ୍କ ଜମାଖାତାରୁ ଅଚାନକ ୧ଲକ୍ଷ ୬୬ହଜାର ଟଙ୍କା କଟିଯାଇଥିଲା। ଏନେଇ ସେ ସାଇବର୍ ଥାନାରେ ଅଭିଯୋଗ କରିଥିଲେ।

### ରିମୋଟ୍ ବେସ୍ ଡିଭାଇସ୍ ଲଗାଇ ହ୍ୟାକିଂ

ଧରାପଡ଼ିଥିବା ଅସଦ ଓ ଗ୍ୟାଙ୍ଗ୍‌ର ଅନ୍ୟମାନେ ଏଟିଏମ୍‌ରେ ରିମୋଟ୍ ବେସ୍ ଡିଭାଇସ୍ ଲଗାଇ ଦେଉଥିଲେ। ଟଙ୍କା ଉଠାଇବାକୁ ଯାଉଥିବା ବ୍ୟକ୍ତିଙ୍କ କାର୍ଡ ଏଟିଏମ୍‌ର ଇନ୍‌ସର୍ଟ ପ୍ୟାନେଲ୍‌ରେ ଅଟକି ଯାଉଥିଲା। ଏହାର ସୁଯୋଗ ନେଇ ଯୋଜନାବଦ୍ଧ ଭାବେ ପୂର୍ବରୁ ଏଟିଏମ୍ କାଉଣ୍ଟର୍ ଭିତରେ ଥିବା ଠକେଇ ଗ୍ୟାଙ୍ଗ୍‌ର ଜଣେ ସଦସ୍ୟ କାରସାଦି ଆରମ୍ଭ କରି ଦେଉଥିଲା। ପୂର୍ବରୁ ଏଟିଏମ୍ କାଉଣ୍ଟରରେ ପେପରରେ ଛପାଇଥିବା ହେଲ୍ପଲାଇନ ନମ୍ବରକୁ କଲ୍ କରିବାକୁ କହିଥାଏ ସମ୍ପୃକ୍ତ ଠକ। ତାଙ୍କର ଅନ୍ୟ ଦୁଇଜଣ ସାଥୀ କାଉଣ୍ଟର ବାହାରେ ରହି ସବୁ ଦିଗ ଉପରେ ନଜର ରଖିଥାନ୍ତି। ଏହିକ୍ରମରେ ଠକଙ୍କ ଜାଲରେ ଫସି ଯାଇଥିଲେ ଚିନ୍ମୟ। ଟଙ୍କା ଉଠାଣ ସମୟରେ ତାଙ୍କ ଏଟିଏମ୍ କାର୍ଡଟି ମେସିନ୍‌ରେ ଅଟକି ଯିବା ସମୟରେ ଠକ ଉକ୍ତ ହେଲ୍ପଲାଇନ ନମ୍ବରରେ କଲ୍ କରି ସହାୟତା ମାଗିବାକୁ ଚିନ୍ମୟଙ୍କୁ କହୁଥିଲେ। ଯେତେବେଳେ ଚିନ୍ମୟ ହେଲ୍ପଲାଇନ୍ ନମ୍ବରକୁ କଲ୍ କରି କଥା ହେଉଥିଲେ, ସେମାନେ କୌଶଳକ୍ରମେ ମେସିନ୍ ଭିତରୁ ଏଟିଏମ୍ କାର୍ଡକୁ ବାହାର କରି ନେଇଥିଲେ। ପରେ କାର୍ଡରେ ଲାଗିଥିବା ଚିପ୍‌କୁ ଏଟିଏମ୍ କାର୍ଡରୁ ବାହାର କରି ଅନ୍ୟ ଏକ ଚିପ୍ ତାଙ୍କ କାର୍ଡରେ ଲଗାଇ ଇନ୍‌ସର୍ଟ କରିଦେଉଥିଲେ। ଏଟିଏମ୍‌ରେ କାର୍ଡ ଅଟକିଯିବା ସମସ୍ୟାକୁ ଦୂର କରିବାକୁ ପୁନର୍ବାର ଏଟିଏମ୍‌ରେ ପିନ୍‌କୋର୍ଡ ଟିପିଲେ କାର୍ଡ ଅଟୋମେଟିକ୍ ବାହାରି ପଡ଼ିବ ବୋଲି ଠକମାନେ ଚିନ୍ମୟଙ୍କୁ କହିଥିଲେ। ସେ ନିଜର ପିନ୍‌କୋଡ୍‌ଟି ଏଟିଏମ୍‌ରେ ଟିପିଲା ବେଳେ କାଉଣ୍ଟର୍‌ରେ ଥିବା ଅନ୍ୟସାଥୀମାନେ କୋଶଳକ୍ରମେ ପିନ୍ ନମ୍ବର ଦେଖିଦେଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ଚିନ୍ମୟଙ୍କ ଏଟିଏମ୍ କାର୍ଡରୁ ବାହାର କରିଥିବା ଚିପ୍‌କୁ ଅନ୍ୟ ଏକ କାର୍ଡରୁ ଲଗାଇ ଦେଉଥିଲେ। ପୁନର୍ବାର ଚିନ୍ମୟଙ୍କ ପିନ୍ ବ୍ୟବହାର କରି ଆକାଉଣ୍ଟରୁ ୧ ଲକ୍ଷ ୬୬ ହଜାର ଟଙ୍କା ନେଇଯାଇଥିଲେ। ପୁଲିସ ଏକ ମାମଲା ରୁଜୁକରି ଆରମ୍ଭ ହୋଇଥିଲା ତନାଘନା। ବରମୁଣ୍ଡାସ୍ଥିତ ଏକ ଏଟିଏମ୍ କାଉଣ୍ଟରେ ଅସଦ ରେକି କରୁଥିବା ସମୟରେ ତାକୁ କାବୁକରି ନେଇଥିଲା ସାଇବର୍ ଥାନା ପୁଲିସ।

**ନକଲି କାଗଜପତ୍ରରେ ୨୨ ଜଣଙ୍କୁ ଜମି ବିକିବା ଘଟଣା**

## ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟର କନିଷ୍ଠ କିରାଣି ଗିରଫ

**ଭୁବନେଶ୍ୱର, ୧୪।୩ (ସମିସ)**

ପୂର୍ବରୁ ବିକ୍ରି କରି ଦେଇଥିବା ଜମିକୁ ଆଉ ଜଣଙ୍କ ନାମରେ ଜେନେରାଲ ପାୱାର ଅଫ୍ ଆଟର୍ଣ୍ଣି (ଜିପିଏ) କରି ଦେଇଥିଲେ। ଜିପିଏ ହୋଲ୍ଡର ସେହି ଜମିକୁ ୨୨ଜଣଙ୍କୁ ବିକ୍ରି କରିଦେଲେ। ଏବେ ଏଭଳି ଠକେଇରେ ସହଯୋଗ କରିଥିବା ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାରର ତତ୍କାଳୀନ କନିଷ୍ଠ କିରାଣିଙ୍କୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଜଟଣୀ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ କନିଷ୍ଠ କିରାଣି ଭାବେ କାର୍ଯ୍ୟରତ ରାଜୀବ ଲୋଚନ ମହାପାତ୍ର (୪୬)। ତାଙ୍କ ଘର ଖୋର୍ଦ୍ଧା ଜିଲ୍ଲା ଗୁରୁଜଙ୍ଗରେ। ପୁଲିସ ସୂଚନା ଅନୁଯାୟୀ, ଦାସପୁର ମୌଜାରେ ଦିବାକର ସାହୁଙ୍କର ଏକ ଜମି ଥିଲା। ଦିବାକର ସେହି ଜମିକୁ ୧୯୮୨ ମସିହାରେ କାଞ୍ଚନମ ଆଲେକ୍ସଙ୍କୁ ବିକ୍ରି କରି ଦେଇଥିଲେ। କାଞ୍ଚନମ ଆଲେକ୍ସ ୧୯୯୨ ମସିହାରେ ଉକ୍ତ ପ୍ଲଟ୍‌କୁ ଶ୍ରୀମତୀ ସାବିତ୍ରୀଦେବୀ ଚୌଧୁରୀ ନାମକ ଜଣେ ମହିଳାଙ୍କୁ ବିକ୍ରି କରିଥିଲେ। ହେଲେ ରେକର୍ଡ ଅଫ୍ ରାଇଟ୍ସରେ ଉଭୟଙ୍କ ନାମ ସଂଶୋଧନ ହୋଇପାରି ନ ଥିଲା। ଫଳରେ ମୂଳ ଜମି ମାଲିକ ଦିବାକର ସାହୁଙ୍କ ନାମରେ ପୂର୍ବବତ୍ ରହିଥିଲା। ଜମି ମାଲିକ ଦିବାକର ଏହାର ସୁଯୋଗ ନେଇ ଲୋକଙ୍କୁ ଠକିବାର ଅଭିପ୍ରାୟ ରଖି ହୃଦାନନ୍ଦଙ୍କ ନାମରେ ଜେନେରାଲ ପାୱାର ଅଫ୍ ଆଟର୍ଣ୍ଣି ପ୍ରସ୍ତୁତ କରି ତାଙ୍କୁ ଉକ୍ତ ଜମିକୁ ବିକ୍ରି କରିବା ପାଇଁ ଅଧିକାର ଦେଇଥିଲେ। ସେହି ସମୟରେ ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାରର କନିଷ୍ଠ କିରାଣି ଭାବେ କାମ କରୁଥିବା ରାଜୀବ ନକଲି ଇସି ବାହାର କରିବାରେ ସହଯୋଗ କରିଥିଲେ। ହୃଦାନନ୍ଦ ନିଜକୁ ସେହି ଜମିର ପାୱାର୍ ଅଫ୍ ଆଟର୍ଣ୍ଣି ହୋଲ୍ଡର ଦର୍ଶାଇ ମୋଟ ୨୨ଜଣ ଗ୍ରାହକଙ୍କୁ ଜମି ବିକ୍ରି କରି ଦେଇଥିଲେ। ଜମି ଜାଲିଆତି ଜଣାପଡ଼ିବା ପରେ ଭୁବନେଶ୍ୱର ସବ୍‌ରେଜିଷ୍ଟ୍ରାର ୨୦୨୨ ମସିହା ଜୁଲାଇ ମାସ ୨୯ ତାରିଖରେ ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଗତବର୍ଷ ଜାନୁୟାରୀ ମାସରେ ଜମି ମାଲିକ ଦିବାକରଙ୍କୁ ଓ ଡିସେମ୍ବର ମାସରେ ଜିପିଏ ହୋଲ୍ଡର ହୃଦାନନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୁଲିସ। ତେବେ ଗୁରୁବାର ଜଟଣୀ ସବ୍‌ରେଜିଷ୍ଟ୍ରାରରେ ଚଢ଼ଉ କରି ରାଜୀବଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରିଛି।



**ପୂର୍ବରୁ ଗିରଫ ହୋଇଥିଲେ ଜମି ମାଲିକ ଓ ଜିପିଏ ହୋଲ୍ଡର**

## ଦୟା ନଦୀରୁ ଶିଶୁର କଙ୍କାଳ ଉଦ୍ଧାର

**ଧଉଳି, ୧୪।୩(ସମିସ):** ଧଉଳି ଥାନା ଅଧୀନ ଦୟାନଦୀର କୌଶଲ୍ୟାପୁର ବାଲିକୁଦ ତୁଠରୁ ଗୁରୁବାର ଏକ ଶିଶୁର କଙ୍କାଳ ଉଦ୍ଧାର କରାଯାଇଛି। ପୁଲିସ ଜବତ କରିଥିବା ନରକଙ୍କାଳକୁ ବ୍ୟବଚ୍ଛେଦ କରାଇଛି। ସ୍ଥାନୀୟ ଖଟୁଆପଡ଼ା ଗ୍ରାମର କୃଷ୍ଣଚନ୍ଦ୍ର ତ୍ରିପାଠୀ ଏ ନେଇ ଧଉଳି ଥାନାରେ ଅଭିଯୋଗ କରିଛନ୍ତି। କୃଷ୍ଣଚନ୍ଦ୍ରଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ ୪/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। କୃଷ୍ଣଚନ୍ଦ୍ରଙ୍କ କହିବାନୁସାରେ ସେ ଦୟା ବାଲିକୁଦ ତୁଠକୁ ସକାଳେ ଶୌଚ ହେବାକୁ ଯାଇଥିଲେ। ତୁଠକୁ ଲାଗି ଏକ ଶିଶୁର କଙ୍କାଳ ଦେଖି ସେ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି କଙ୍କାଳ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲା। ତିନି ଚାରି ଦିନ ତଳେ ଶିଶୁର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। କେହି ଶିଶୁଟିକୁ ନଦୀକୁ ଫିଙ୍ଗି ଦେଇଥିବା ଚର୍ଚ୍ଚା ହେଉଛି। ଖବର ପାଇ ଘଟଣାସ୍ଥଳରେ ଗ୍ରାମବାସୀଙ୍କ ଭିଡ଼ ଜମିଥିଲା। ଲୋକେ ନାନା କଥା ଆଲୋଚନା କରୁଥିବାବେଳେ ଧଉଳି ଥାନା ପୁଲିସ ତଦନ୍ତ ଜାରି ରଖିଛି।



**ବିଏମ୍‌ସିକୁ ଘାରୁଛି ରାଜସ୍ୱ ଚିନ୍ତା**

# ବର୍ଷ ସରିଲାଣି; ଟାର୍ଗେଟ୍ ଅଧା ବି ହୋଇନି

**୫୫ ଜଣଙ୍କ ନାଁରେ ୨୯.୫ କୋଟି ହୋଲ୍‌ଡିଂ ଟିକସ ବାକି**

**ବିଏମ୍‌ସି ଜାରିକଲା ବଡ଼ ଖିଲାପକାରୀଙ୍କ ତଥ୍ୟ**

**ଭୁବନେଶ୍ୱର, ୧୪।୩(ସମିସ)**

ବିଏମ୍‌ସିକୁ ଘାରିଲାଣି ରାଜସ୍ୱ ଚିନ୍ତା। ଆର୍ଥିକ ବର୍ଷ ଶେଷ ହେବାକୁ ବସିଥିବା ବେଳେ ରାଜସ୍ୱ ଆଦାୟ ଏଯାଏଁ ଟାର୍ଗେଟ୍‌ର ଅଧା ବି ହୋଇନି। ବିଶେଷକରି ବଡ଼ବଡ଼ିଆ ହୋଲଡିଂ ଟିକସ ବାବଦକୁ ଟଙ୍କା ଦେଉ ନାହାନ୍ତି। ନୋଟିସ ଦେଲେ ଏବଂ ଘରକୁ ଲୋକ ପଠାଇଲେ ମଧ୍ୟ ଖିଲାପକାରୀ ଶୁଣୁନାହାନ୍ତି। ବହୁଦିନ ଧରି ବଡ଼ବଡ଼ିଆ ଟିକସ ଖିଲାପକାରୀଙ୍କୁ ଘଣ୍ଟ ଘୋଡ଼ାଉଥିବା ବିଏମ୍‌ସି ଏବେ ଖିଲାପକାରୀଙ୍କ ନାଁ ସାମ୍ନାକୁ ଆଣିଛି। ୧୦ ଲକ୍ଷରୁ ଅଧିକ ଟିକସ ବାକିଥିବା ଖିଲାପକାରୀଙ୍କ ନାଁକୁ ବିଏମ୍‌ସି ୱେବ୍‌ସାଇଟ୍‌ରେ ସାର୍ବଜନୀନ କରିଛି। ଭୁବନେଶ୍ୱରର ୩ଜୋନ୍‌ରେ ୫୫ଜଣ ଏଭଳି ଟିକସ ଖିଲାପକାରୀ ଅଛନ୍ତି। ଯେଉଁମାନଙ୍କ ଉପରେ ପ୍ରାୟ ୨୯ କୋଟି ଟଙ୍କା ଟିକସ ବାକି ପଡ଼ିଛି। ସାଉଥ୍ ୱେଷ୍ଟ ଜୋନରେ ସର୍ବାଧିକ ୨୯ ଜଣ ଟିକସଖିଲାପକାରୀ ରହିଥିଲା ବେଳେ ନର୍ଥ ଜୋନ୍‌ରେ ୧୬ଜଣ ଟିକସ ଖିଲାପକାରୀ ଅଛନ୍ତି। ସେହିପରି ସାଉଥ୍ ୱେଷ୍ଟ ଜୋନରେ ସର୍ବନିମ୍ନ ୧୦ଜଣ ବଡ଼ ଟିକସ ଖିଲାପକାରୀଙ୍କ ନାଁ ୱେବ୍‌ସାଇଡ୍‌ରେ ପ୍ରକାଶ କରିଛି ବିଏମ୍‌ସି।

ଆର୍ଥିକ ବର୍ଷ ପୂରିବାକୁ ହାତରେ ଆଉ ୧୫ ଦିନ ଥିବାବେଳେ ଏବେସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟର ୫୦ ପତିଶତରୁ କମ୍ ରାଜସ୍ୱ ଆଦାୟ ହୋଇଛି। ମିଳିଥିବା ସୂଚନା ମୁତାବକ ବିଏମ୍‌ସି ଚଳିତବର୍ଷ ୧୧୫ କୋଟିର ହୋଲ୍ଡିଂ ଟିକସ ଆଦାୟ ଟାର୍ଗେଟ ରଖିଥିଲା। ହେଲେ ଏପର୍ଯ୍ୟନ୍ତ ମାତ୍ର ୪୫ରୁ ୪୮ କୋଟି ମଧ୍ୟରେ ଆଦାୟ ହୋଇଛି। ଗୋଟିଏ ପଟେ ଟ୍ୟାକ୍ସ କଲେକ୍ଟର ତଥା ୱାର୍ଡ ଅଫିସରଙ୍କୁ ଟାର୍ଗେଟ ପୂରଣ କରିବାକୁ ପତ୍ୱା ଜାରି ହୋଇଥିବା ବେଳେ ସରକାରୀ କାର୍ଯ୍ୟକ୍ରମ ଚଳାଇବା ସହ ଏବେ ସେମାନଙ୍କୁ ନିର୍ବାଚନ ଲାଗି ପ୍ରସ୍ତୁତ କରାଯାଉଛି। ଏହି ସ୍ଥିତିରେ ଲୋକମାନେ ମଧ୍ୟ ତାଙ୍କ ଆଡୁ ରାଜସ୍ୱ ଦେବାରେ କୁନ୍ଥକୁନ୍ଥ ହେଉଛନ୍ତି। ମିଳିଥିବା ସୂଚନା ମୁତାବକ ବଡ଼ ଖିଲାପକାରୀଙ୍କ ନିକଟରେ ବିଏମସିର ୨୯.୫୦ କୋଟି ବକେୟା ପଡ଼ି ରହିଛି। ବିଏମ୍‌ସି ଗୁରୁବାର ଅପରାହ୍ନରେ ସମସ୍ତ ବଡ଼ ଖଲାପୀଙ୍କ ନାମକୁ ନିଜ ୱେବସାଇଟରେ ପ୍ରକାଶ କରିଛି। ଉତ୍ତର ଜୋନର ୧୬ ଖିଲାପୀ ଥିବାବେଳେ ଏଠାରେ ଚଳିତବର୍ଷ ୮୬ ଲକ୍ଷ ୯୫ ହଜାର ୧୯୯ ଟଙ୍କା ହୋଲ୍ଡିଂ ବକେୟା ରହିଛି। ସେହିପରି ଦକ୍ଷିଣ ପଶ୍ଚିମ ଜୋନରେ ସର୍ବାଧିକ ୨୯ ଖିଲାପୀ ଥିବାବେଳେ ଏଠାରେ ୭ କୋଟି ୩୧ ଲକ୍ଷ ୯୨ ହଜାର ୩୭୮ ଟଙ୍କାର ହୋଲ୍ଡିଂ ବକେୟା ପଡ଼ିଛି ଓ ଦକ୍ଷିଣ ପୂର୍ବ ଜୋନ୍‌ର ୧୦ ଖିଲାପୀ ଥିବାବେଳେ ୩୧ ଲକ୍ଷ ୮୧ ହଜାର ୭୩ ଟଙ୍କା ହୋଲ୍ଡିଂ ବାକି ପଡ଼ିଛି। ତଥ୍ୟ ମୁତାବକ, ଚଳିତବର୍ଷ ୩ ଜୋନରୁ ମୋଟ ୭ କୋଟି ୬୪ ଲକ୍ଷ ୪୨ ହଜାର ୬୫୧ ଟଙ୍କାର ହୋଲ୍ଡିଂ ଟିକସ ବକେୟା ରହିଛି। ଖାଲି ଚଳିତବର୍ଷ ନୁହେଁ ଏହି ଖିଲାପକାରୀମାନେ ପୂର୍ବରୁ ମଧ୍ୟ ବକେୟା ଦେଇ ନ ଥିବା ବିଏମ୍‌ସି କହିଛି। ପୂର୍ବରୁ ଏହି ୩ ଜୋନ୍‌ର ୫୫ ଜଣ ଖିଲାପଙ୍କ ଉପରେ ପ୍ରାୟ ୨୦ କୋଟି ଟଙ୍କା ବାକି ଥିବା ବେଳେ ଏଥିରେ ମଧ୍ୟ ଦକ୍ଷିଣ ପଶ୍ଚିମ ଜୋନ୍ ସର୍ବାଗ୍ରେ ରହିଥିଲା। ଦକ୍ଷିଣ ପଶ୍ଚିମ ଜୋନରେ ପୂର୍ବରୁ ଏହି ଖିଲାପୀମାନେ ୧୫ କୋଟି ୧୫ ଲକ୍ଷ ଟଙ୍କାର ବକେୟା ପକାଇ ରଖିଥିବାବେଳେ ଉତ୍ତର ଜୋନର ଖିଲାପୀମାନେ ୩ କୋଟି ୭୨ ଲକ୍ଷ ୭୮ ହଜାର ୮୧୧ ଟଙ୍କା ବକେୟା ପକାଇଛନ୍ତି। ଦକ୍ଷିଣ ପୂର୍ବ ଜୋନରେ ସର୍ବନିମ୍ନ ବକେୟା ତଥା ୨ କୋଟି ୧୧ ଲକ୍ଷ ୮୭ ହଜାର ୨୨୫ ଟଙ୍କା ପଡ଼ି ରହିଥିବା ବିଏମ୍‌ସି ପ୍ରଦତ୍ତ ତଥ୍ୟରୁ ପ୍ରକାଶ ପାଇଛି। ଚଳିତବର୍ଷ ଓ ପୂର୍ବବର୍ଷର ବକେୟାକୁ ମିଶାଇଲେ ବିଏମ୍‌ସି ଏହି ୫୫ ଜଣ ଖିଲାପୀଙ୍କଠାରୁ ମୋଟ ୨୯ କୋଟି ୫୦ ଲକ୍ଷ ୪୧ ହଜାର ୬୪୩ ଟଙ୍କା ବକେୟା ପାଇବ। ମୋଟ ଭାବେ ଦକ୍ଷିଣ ପଶ୍ଚିମ ଜୋନର ଖିଲାପୀଙ୍କଠାରୁ ବିଏମ୍‌ସି ୨୨ କୋଟି ୪୬ ଲକ୍ଷ ୯୯ ହଜାର ୩୩୩ ଟଙ୍କା ପାଇବାକୁ ଥିବାବେଳେ ଉତ୍ତରରୁ ୪ କୋଟି ୫୯ ଲକ୍ଷ ୭୪ ହଜାର ୧୧ ଟଙ୍କା ଓ ଦକ୍ଷିଣ ପୂର୍ବରୁ ୨ କୋଟି ୪୩ ଲକ୍ଷ ୬୮ ହଜାର ୨୯୯ ଟଙ୍କା ବକେୟା ହୋଲ୍ଡିଂ ଟିକସ ପାଇବ। ହେଲେ ଖିଲାପୀମାନେ ବିଭିନ୍ନ ଆଳ ଦେଖାଇ ଏହି ଟିକସ ପୈଠ କରୁ ନ ଥିବାରୁ ବିଏମ୍‌ସି ତା'ର ରାଜସ୍ୱ ହରାଉଛି। ମୁଖ୍ୟତଃ କିଛି ବ୍ୟବସାୟିକ ପ୍ରତିଷ୍ଠାନ, ବିଲ୍ଡର୍, ଘରୋଇ ସ୍କୁଲ୍-କଲେଜ୍ ଓ କିଛି ଘରୋଇ କମ୍ପାନୀ ଏହି ଖିଲାପୀଙ୍କ ତାଲିକାରେ ରହିଛି। ସୂଚନାଯୋଗ୍ୟ, ଚଳିତବର୍ଷ ବିଏମ୍‌ସି ହୋଲ୍ଡିଂ ଟିକସ ବାବଦକୁ ୧୦୫ କୋଟି ଆଦାୟ କରିବାକୁ ଲକ୍ଷ୍ୟ ରଖିଛି। ପୂର୍ବବର୍ଷ ୭୦ କୋଟିର ହୋଲ୍ଡିଂ ଟିକସ ଆଦାୟ ହୋଇଥିବା ବେଳେ ଚଳିତବର୍ଷ ଏହି ପରିମାଣକୁ ବାଢ଼ାଇବାକୁ ବିଏମ୍‌ସି ଲକ୍ଷ୍ୟ ରଖିଥିଲା। ହେଲେ ଏଯାବତ୍ ଲକ୍ଷ୍ୟର ୫୦ ପ୍ରତିଶତ ମଧ୍ୟ ପୂରଣ ହୋଇପାରିନାହିଁ। ରାଜସ୍ୱ ଆଦାୟର ପ୍ରମୁଖ ଭୂମିକା ନେଉଥିବା ୱାର୍ଡ ଅଫିସରଙ୍କ ଅଚାନକ ୱାର୍ଡ ବଦଳି, ୱାର୍ଡରେ ଅର୍ପଣ ରଥ ପରିଚାଳନା, ବରିଷ୍ଠ ନାଗରିକଙ୍କୁ ଉତ୍ତା ବଣ୍ଟା, ପରିକ୍ରମା ପ୍ରକଳ୍ପ ପରି ବହୁ କାର୍ଯ୍ୟ ଅତିରିକ୍ତ ଭାବେ କରୁଛନ୍ତି। ଫଳରେ ମାତ୍ରାଧିକ ଚାପରେ ରହୁଛନ୍ତି। ଏବେସୁଦ୍ଧା ବିଏମ୍‌ସି କିଛି ଆଖିଦୃଶିଆ ରାଜସ୍ୱ ଆଦାୟ କରି ନ ଥିବାବେଳେ ଏଥର ପୂର୍ବବର୍ଷର ଟାର୍ଗେଟ୍ ପୂରଣ ହେବ କି ତା ତଳେ ରହିବ ସେନେଇ ଆଲୋଚନା ଜୋର୍ ଧରିଛି।

## ମହଙ୍ଗା ପଡ଼ିଲା 'ରଙ୍ଗ୍ ନମ୍ବର' ପ୍ରେମ

**ଭୁବନେଶ୍ୱର, ୧୪।୩ (ସମିସ):** ମୁହଁ ନ ଦେଖି ପ୍ରେମ କରିବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। କେନ୍ଦୁଝର ଜିଲ୍ଲାର ଜଣେ ମହିଳା ନିଜକୁ ଯୁବତୀର ପରିଚୟ ଦେଇ ପ୍ରତାରଣା ଓ ଠକେଇ କରିଥିବା ନେଇ ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ଜଗତସିଂହପୁର ଜିଲ୍ଲାର ଜଣେ ଯୁବକ ଭୁବନେଶ୍ୱରର ଏକ ଘରୋଇ ସୋ ରୁମରେ ଚାକିରି କରିଛନ୍ତି। ପ୍ରାୟ ଦୁଇବର୍ଷ ତଳେ ତାଙ୍କୁ ଏକ ଅଜଣା ନମ୍ବରରୁ ଜଣେ ମହିଳା ଫୋନ୍ କରିଥିଲେ। ପରେ ପରେ ମହିଳାଙ୍କ ସହିତ ଘନିଷ୍ଠତା ବଢ଼ିବା ସହିତ ଉଭୟ ପ୍ରେମରେ ପଡ଼ିଥିଲେ। ଏହାରି ଭିତରେ ପ୍ରେମକୁ ଦୁଇ ବର୍ଷ ପୂରି ଯାଇଥିଲା ଆଉ ପ୍ରେମିକା ମହିଳା ଲକ୍ଷାଧିକ ଟଙ୍କାର ସାହାଯ୍ୟ ହାତେଇ ଥିଲେ। ନିକଟରେ ଯୁବକ ଜଣକ ବିବାହ କରିବାକୁ କହିବାରୁ ପ୍ରେମିକା ମଧ୍ୟ ତାଙ୍କ କଥାରେ ହଁ ଭରିଥିଲେ। ଶେଷରେ ଦୁଇ ଜଣଙ୍କ ମଧ୍ୟରେ କଥାବାର୍ତ୍ତା ହୋଇ ବିବାହ ତାରିଖ ଫାଇନାଲ ହେଲା। ବିବାହ କରିବାକୁ ଉତ୍ସୁକତାର ସହ ପ୍ରେମିକ କିଣାକିଣିରେ ଲାଗି ପଡ଼ିଲେ। କିଣାକିଣି କରିଥିବା ଜିନିଷ ଦେବା ପାଇଁ ପ୍ରେମିକାକୁ ଡକାଇଲେ। ପ୍ରେମିକା ଆସି ପହଞ୍ଚିବା ପରେ ଯୁବକଙ୍କ ପାଦ ତଳୁ ମାଟି ଖସି ଯାଇଥିଲା। ଯୁବତୀ ବଦଳରେ ଜଣେ ମହିଳା ଆସି ତାଙ୍କ ସାମ୍ନାରେ ଛିଡ଼ା ହୋଇଥିଲେ। ମହିଳାଙ୍କୁ ଦେଖି ଯୁବକଙ୍କ ମୁଣ୍ଡ ବୁଲାଇ ଦେଲା। ମହିଳା ଜଣକ କହିଲେ, ମୋ ସହ ନୁହଁ ବରଂ ମୋ ଝିଅ ସହିତ ବିବାହ କରିବାକୁ ମୁଁ ମନସ୍ଥ କରିଛି। ପରିସ୍ଥିତି ଏମିତି ହେଲା ଯେ, ଝିଅଙ୍କୁ ଫୋନ୍ ଡକାଗଲା। କିନ୍ତୁ ଝିଅଙ୍କ କହିବା ଅନୁଯାୟୀ ତାଙ୍କ ମାଆ ସମାନ ଢଙ୍ଗରେ ଜଣେ ଯୁବକଙ୍କୁ ଫସାଇଥିଲେ, ଆଉ ଏହାକୁ ନେଇ ସେ କେନ୍ଦୁଝର ଥାନାରେ ଏତଲା ମଧ୍ୟ ଦେଇଥିଲେ।

## ମଦ ଦୋକାନ ଲୁଟ୍ ପାଇଁ ଯୋଜନା; ୫ ଗିରଫ

**ଭୁବନେଶ୍ୱର, ୧୪।୩(ସମିସ):** ମଦ ଦୋକାନରୁ ଲୁଟ୍ ପାଇଁ ଯୋଜନା କରୁଥିବା ବେଳେ ଇନ୍‌ଫୋସିଟି ଥାନା ପୁଲିସ ବନଫୁଲ ନୂଆବସ୍ତିର ରୋମି ନାୟକ, ବଙ୍ଗାଳିସାହିର କାର୍ତ୍ତିକ ବେହେରା, ଶିଖରଚଣ୍ଡୀ ନଗରର ଜିତେନ୍ଦ୍ର ସାମଲ, ଏସ୍. କେ ଇସ୍‌ଲାମ୍ ଓରଫ କାଦମ ଏବଂ କେ. ଶିବାଜୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଲୁହାଛଡ଼୍, ଖଣ୍ଡା, ଲଙ୍କାଗୁଣ୍ଡ, ନିଶାଦ୍ରବ୍ୟ ପୁଲିସ ଜବତ କରିଛି। ଇସଲାମ୍ ନିଜ ଗ୍ୟାଙ୍ଗ ସହ ଡକାୟତି ଉଦ୍ୟମ କରୁଥିବାବେଳେ ପୁଲିସ ଧରିଥିଲା। ମଦ ଦୋକାନ ଲୁଟ୍ ପାଇଁ ଇସ୍‌ଲାମ୍ ତା'ର ୪ ସହଯୋଗୀଙ୍କୁ ନେଇ ପଡ଼ିଆରେ କରୁଥିଲା ଯୋଜନା। ଗିରଫ ରୋମି ନାଁରେ ୨ଟି, କାର୍ତ୍ତିକ ନାଁରେ ୮ଟି, ଜିତେନ୍ଦ୍ର ନାଁରେ ୪ଟି, କେ. ଶିବାଜୀ ନାଁରେ ୩ଟି ଏବଂ ଇସଲାମ ନାଁରେ ଭୁବନେଶ୍ୱରରେ ସର୍ବାଧିକ ୪୮ ଟି ମାମଲା ରହିଛି।

# ଭୁବନେଶ୍ୱର ସିଟି



## ତାସ୍ ଖେଳରୁ ହଣାକଟା; ୨ ଅଟକ

ଭୁବନେଶ୍ୱର, ୧୪।୩ (ସମିସ): ଝିମିଟି ଖେଳରୁ ମହାଭାରତ ଭଳି ତାସ୍ ଖେଳରୁ ହଣାକଟା ପରିସ୍ଥିତି ଉପୁଜିଛି। ଯୁବକଙ୍କ ଖଣ୍ଡା ଚୋଟରେ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଚନ୍ଦକା ଥାନା ଅନ୍ତର୍ଗତ ପାଇକରାପୁର ଗାଁରେ ଏଭଳି ଘଟଣା ଘଟିଛି। ଗାଁ'ର ଅମିର ପ୍ରଧାନ ଆହତ ହୋଇଛନ୍ତି। ଏହି ଘଟଣାରେ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି ପୁଲିସ। ଅଭିଯୋଗ ଅନୁଯାୟୀ, ଗୁରୁବାର ପାଇକରାପୁର ଗ୍ରାମର ଅମିର ଓ ଧଡ୍ଡୁ ଦାସ ତାସ୍ ଖେଳୁଥିଲେ। ଖେଳରୁ କଥା କଟାକଟି ହୋଇଥିଲା। ଧଡ୍ଡୁ ଏହାକୁ ନେଇ ଗାଳିଗୁଲଜ କରିବାରୁ ଅମିର ତାଙ୍କୁ ଧକ୍କା ମାରିଥିଲେ। ଏହାପରେ ଧଡ୍ଡୁଙ୍କ ପୁଅ ସୂର୍ଯ୍ୟ ଖଣ୍ଡା ଓ ଦୁଇ ଜଣ ସହଯୋଗୀଙ୍କୁ ଧରି ଅମିରଙ୍କ ଘରେ ପହଞ୍ଚିଥିଲେ। ସୂର୍ଯ୍ୟର ଜଣେ ସହଯୋଗୀ ଖଣ୍ଡାରେ ଅମିରଙ୍କୁ ଆକ୍ରମଣ କରିଥିଲା। ଅମିରଙ୍କ ମୁହଁରେ ଚୋଟ ଲାଗିଥିବା ବେଳେ ସେ ସାମାନ୍ୟ ଆହତ ହୋଇଥିଲେ। ଲୋକମାନେ ଘେରି ସୂର୍ଯ୍ୟ ଓ ତା'ର ଜଣେ ସହଯୋଗୀକୁ କାବୁ କରି ନେଇଥିବା ବେଳେ ଆଉଜଣେ ସହଯୋଗୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା।

## 'ଜଣେ ପ୍ରବାସୀର ଦୃଷ୍ଟିରେ ପ୍ରଗତିର ଓଡ଼ିଶା ଓ ବିଜେଡି' ଲୋକାର୍ପିତ



ଭୁବନେଶ୍ୱର, ୧୪।୩(ସମିସ): ଓଡ଼ିଶା ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଏବଂ ଏହାର ସଫଳତାର ଅନନ୍ୟ କାହାଣୀକୁ ନେଇ ଝାଡ଼ଖଣ୍ଡରେ ଅବସ୍ଥାନ କରୁଥିବା ବିଶିଷ୍ଟ ସ୍ତମ୍ଭକାର ବାଦଲ ଭୂୟାଁଙ୍କ ଦ୍ୱାରା ଲିଖିତ 'ଜଣେ ପ୍ରବାସୀର ଦୃଷ୍ଟିରେ ପ୍ରଗତିର ଓଡ଼ିଶା ଓ ବିଜେଡି' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ ଏହି ପୁସ୍ତକକୁ ଉନ୍ମୋଚିତ କରିଥିଲେ। ସ୍ତମ୍ଭକାର ତଥା ସିଂହଭୂମିର ପ୍ରତିଷ୍ଠାତା ସମ୍ପାଦକ ବାଦଲ ଭୂୟାଁ, ସାମ୍ବାଦିକ ସୁଶାନ୍ତ ଭୂୟାଁ ଓ ସମାଜସେବୀ ରାମକୃଷ୍ଣ ବିଶ୍ୱାଳ ଉପସ୍ଥିତ ଥିଲେ।

## ଏମ୍‌ସକୁ 'ଏସିଆ ସେଫ୍ ସର୍ଜିକାଲ୍ ଇମ୍ପ୍ଲାଣ୍ଟ କନ୍‌ସୋର୍ଟିୟମ୍' ପୁରସ୍କାର

ଭୁବନେଶ୍ୱର, ୧୪।୩(ସମିସ): ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ମର୍ଯ୍ୟାଦାଜନକ ଏସିଆ ସେଫ୍ ସର୍ଜିକାଲ୍ ଇମ୍ପ୍ଲାଣ୍ଟ କନ୍‌ସୋର୍ଟିୟମ୍ କ୍ୟୁଆଇପି ପୁରସ୍କାର ୨୦୨୩ରେ ସମ୍ମାନିତ ହୋଇଛି ଏମ୍‌ସ ଭୁବନେଶ୍ୱର। ହସ୍ପିଟାଲର ସେଣ୍ଟ୍ରାଲ୍ ଷ୍ଟେରାଇଲ୍ ସେବା ବିଭାଗ (ସିଏସ୍‌ଏସ୍‌ଡି)ରେ ବିଭିନ୍ନ ଯନ୍ତ୍ର ଏବଂ ପ୍ରତିରୋପଣର ପୁନଃପ୍ରକ୍ରିୟାକରଣ ପାଇଁ ସର୍ବୋଚ୍ଚ ମାନ ନିର୍ଦ୍ଧାରଣ ଏବଂ ତଦାରଖ କରିବାର ପ୍ରକ୍ରିୟା ସ୍ୱରୂପ ଏହି ଚୟନ କରାଯାଇଥିଲା। ଏହି ପୁରସ୍କାର ଚୟନ ପ୍ରକ୍ରିୟାରେ ସମଗ୍ର ଏସିଆରୁ ଅଠେଇଶ ସୁପ୍ରତିଷ୍ଠିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଅଂଶଗ୍ରହଣ କରିଥିଲେ। ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ସମେତ ମେଡିକାଲ୍ ଅଧୀକ୍ଷକ, ଓଟି କମିଟି ଅଧ୍ୟକ୍ଷ, ଡିନ୍ ଅଧ୍ୟାପକ, ଅଧ୍ୟାପିକା, ସିଏସ୍‌ଏସ୍‌ଡିର କର୍ମଚାରୀ, ବିଭିନ୍ନ ଓଟିର ନର୍ସିଂ ଇନ୍‌ଚାର୍ଜ ଏବଂ ସଂକ୍ରମଣ ନିୟନ୍ତ୍ରଣ କମିଟିର ସଦସ୍ୟମାନେ ମିଳିତ ଭାବେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ଗ୍ରହଣ କରିଥିଲେ।

## କବିତା ସଂକଳନ 'ବଣମଲ୍ଲୀ' ଲୋକାର୍ପିତ



ଭୁବନେଶ୍ୱର, ୧୪।୩(ସମିସ): 'ବନଫୁଲ' ପ୍ରକାଶନୀ ପକ୍ଷରୁ ଜ୍ୟୋତିର୍ମୟୀ ପରିଡ଼ାଙ୍କ କବିତା ସଂକଳନ 'ବଣମଲ୍ଲୀ'ର ଲୋକାର୍ପଣ ଉତ୍ସବ ସ୍ଥାନୀୟ ରେଡକ୍ରସ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କବି ଶତ୍ରୁଘ୍ନ ପାଣ୍ଡବ ମୁଖ୍ୟ ଅତିଥି, ସମାଲୋଚକ ଦିଲୀପ କୁମାର ସ୍ୱାଇଁ ମୁଖ୍ୟବକ୍ତା, ଶିକ୍ଷା ବିଭାଗ ଉପସଚିବ ରମେଶ ଚନ୍ଦ୍ର ବେହେରା, ରେଭେନ୍ସା ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ପ୍ରଫେସର ଭାଗବତ ବେହେରା ଏବଂ ଅଧ୍ୟାପକ ତଥା କବି ସୁଶାନ୍ତ କୁମାର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଅଧ୍ୟାପକ ଶୁଭ୍ରାଂଶୁ ବେହେରା, ବିଧୁଭୂଷଣ ପାଣିଗ୍ରାହୀ, ପଦ୍ମଲୋଚନ ରାଉତ, ଗାଳ୍ପିକ ସୁଶୀଲ କୁମାର ନନ୍ଦ ପ୍ରମୁଖ ପୁସ୍ତକ ସମ୍ପର୍କରେ ମତ ରଖିଥିଲେ। 'ଅଭିନନ୍ଦନିକା'ର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। କବି ଜ୍ୟୋତିର୍ମୟୀ ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ପ୍ରକାଶକ ପବିତ୍ର ବ୍ରହ୍ମପୁତ୍ର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସର ଜୟନ୍ତ ପରିଡ଼ା ଧନ୍ୟବାଦ ଦେଇଥିଲେ।

### ଭରତପୁରରେ ଖୋଲିଲା ନେଚର୍ ପାର୍କ

# ପାର୍କରେ ପେଟ୍ ଜିମ୍: ରାଜ୍ୟରେ ପ୍ରଥମ

ଭୁବନେଶ୍ୱର, ୧୪।୩(ସମିସ)







ଭିନ୍ନ ଏକ ବିଷୟବସ୍ତୁକୁ ନେଇ ଭୁବନେଶ୍ୱର ଭରତପୁରସ୍ଥିତ ଜିଏ କଲୋନୀ ନିକଟରେ ବିଡିଏ ପକ୍ଷରୁ ଏକ ସ୍ୱତନ୍ତ୍ର ପାର୍କ ନିର୍ମାଣ କରାଯାଇଛି। ଯାହା ନାମ ରଖାଯାଇଛି ନେଚର ପାର୍କ। ଏହି ପାର୍କର ବିଶେଷତ୍ୱ ହେଉଛି ଏଠାରେ ପେଟ୍ ଜୋନ୍ ରହିଛି। ଯାହ କେବଳ କୁକୁର ଏବଂ ଅନ୍ୟ ଗୃହପାଳିତ ପଶୁଙ୍କ ପାଇଁ ଉଦ୍ଦିଷ୍ଟ। କୁକୁରମାନେ ଏଠାକୁ ଆସି ଖେଳିବ, ବୁଲିବେ ଆଉ ମନୋରଞ୍ଜନ କରିପାରିବେ। କୁକୁରମାନେ ଖେଳିବା ମଧ୍ୟ ବିଭିନ୍ନ ଉପକରଣ ଖଞ୍ଜା ଯାଇଛି। ଆର୍କ ଟର୍ଣ୍ଣେଲରେ ଲୁଚକାଳୀ ଖେଳ, ୱେଭ୍ ପୋଲରେ ଅଙ୍କା ବଙ୍କା ଭାବେ ବୁଲିବେ କୁକୁର। ଏହାବ୍ୟତୀତ ହିଲ୍‌ଟପ୍ ଷ୍ଟେପ୍‌ସ, ୱାକ୍ ର୍‌ୟାମ୍, ଷ୍ଟେଇଂ ପଜ୍ ପ୍ରଭୃତି ଉପକରଣ କୁକୁରମାନଙ୍କ ପାଇଁ ନିର୍ମାଣ କରାଯାଇଛି। ପେଟ୍ ଜୋନକୁ ଲୁହା ଜାଲି ଦ୍ୱାରା ଆବଦ୍ଧ କରାଯାଇଛି। ବିଭିନ୍ନ ଗଛ ବୃକ୍ଷରେ ପେଟ୍ ଜୋନକୁ ସଜା ଯାଇଛି। ରାଜ୍ୟରେ ଏଭଳି ପାର୍କ ନିର୍ମାଣ ପ୍ରଥମ। ଭୁବନେଶ୍ୱରରେ ବହୁ ସଂଖ୍ୟାରେ ଲୋକେ କୁକୁର ରଖୁଥିବାରୁ ଏମାନଙ୍କୁ ବୁଲାଇବାକୁ ସ୍ୱତନ୍ତ୍ର ସ୍ଥାନ ଯୋଗାଇ ଦେବାକୁ ଅନେକ ସମୟରେ ଦାବି ବିଡିଏ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ହୋଇ ଆସୁଥିଲା। ଏହା ପୂରଣ ହୋଇଛି। ଏହା ସଫଳ ହେଲେ ଆଗକୁ ଅନେକଗୁଡ଼ିଏ ପାର୍କରେ ପେଟ୍ ଜୋନ ବ୍ୟବସ୍ଥା କରାଯିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି।

**ଏଣିକି ପାର୍କରେ ଖେଳିବେ ପୋଷା କୁକୁର**

**ଗୃହପାଳିତ ପଶୁଙ୍କ ପାଇଁ ରହିଛି ମନୋରଞ୍ଜନ ବ୍ୟବସ୍ଥା**

ଅନ୍ୟପକ୍ଷରେ ମାଲିକମାନ ଏବଂ ଛୋଟପିଲାଙ୍କ ମନୋରଞ୍ଜନ ଏବଂ ଆବଶ୍ୟକତାକୁ ମଧ୍ୟ ପାର୍କରେ ବିଶେଷଭାବେ ଦୃଷ୍ଟି ଦିଆଯାଇଛି। ଚଲାପଥ, ମୁରୁମ୍ ଟ୍ରାକ୍, ଓପନ୍ ଜିମ୍, ପିଲାଙ୍କ ଖେଳ ପଡ଼ିଆ, ଯୋଗ ମଣ୍ଡପ, ମେଡିଟେସନ୍ ପୋଡିୟମ, ଆମ୍ଫିଥିଏଟର ଓ ବିଶ୍ରାମ ଗୃହ ସୁବିଧା ରହିଛି। ୫ ଏକର ପରିମିତ ଏହି ପାର୍କକୁ ୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ଯାହାକୁ ଗୁରୁବାର ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଦ୍ୱାରା ପରିଚାଳିତ ଏହି ପାର୍କର ଉଦ୍‌ଘାଟନୀ ଉତ୍ସବରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ଓ ବିଡିଏ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହାବ୍ୟତୀତ ଏଥିରେ ଏକ ଲାଇବ୍ରେରୀ ଏବଂ ପ୍ରକୃତି ମଧ୍ୟରେ ପର୍ଯ୍ୟଟକମାନଙ୍କୁ ବିଶ୍ରାମ ଏବଂ ଆରାମ କରିବା ପାଇଁ ଏକ କ୍ୟାଫେଟେରିଆ ରହିଛି। ବିଡିଏର ଭୁବନେଶ୍ୱର ଅର୍ବାନ୍ ନଲେଜ୍ ସେଣ୍ଟର (ବିୟୁକେସି) ଏହି ପାର୍କର ଯୋଜନା ଓ ଡିଜାଇନ୍ ପ୍ରସ୍ତୁତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହାର ପରିବେଶ ଉପରେ ଗୁରୁତ୍ୱାରୋପ କରି ପାର୍କର ରୂପରେଖ ଏବଂ ବୈଶିଷ୍ଟ୍ୟ ପ୍ରକୃତି ଦ୍ୱାରା ପ୍ରେରିତ। ଭୁବନେଶ୍ୱରରେ ପାଖାପାଖି ୫୦ଟି ପାର୍କ ପରିଚାଳନାରେ ଥିବା ବିଡିଏ ସହରର ସବୁଜ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ବାସିନ୍ଦାଙ୍କୁ ଉପଲବ୍ଧ ମନୋରଞ୍ଜନସ୍ଥଳୀ ଯୋଗାଇଦେବାକୁ ଲକ୍ଷ୍ୟ ରଖିଛି। ଏହାବ୍ୟତୀତ ଏହି ପାର୍କରେ ଉଭୟ ଦୁଇ ଚକିଆ ଓ ଚାରି ଚକିଆ ଯାନ ପାଇଁ ସ୍ୱତନ୍ତ୍ର ପାର୍କିଂ ସ୍ଥାନ ରହିଛି। ଯାହା ପର୍ଯ୍ୟଟକମାନଙ୍କ ପାଇଁ ସୁବିଧାକୁ ସୁନିଶ୍ଚିତ କରିବ। ଏହାର ବ୍ୟାପକ ସୁବିଧା ଏବଂ ଗୃହପାଳିତ ପଶୁ ଅନୁକୂଳ ପଦକ୍ଷେପ ସହରାଞ୍ଚଳ ପାର୍କ ବିକାଶ ଦିଗରେ ଏକ ସାମଗ୍ରିକ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି।

## ଭଗବତ୍ ନାମରେ ବିଦଗ୍ଧ ଥିଲେ ଅଭିମନ୍ୟୁ





ଭୁବନେଶ୍ୱର, ୧୪।୩(ସମିସ): ରାଧାକୃଷ୍ଣଙ୍କ ନାମ ଓ ଅପ୍ରାକୃତ ପ୍ରେମରେ ମଧୁର ରସାମୃତ ପରିବେଷଣରେ ବିଚକ୍ଷଣ ଥିଲେ ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାର। ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଜୟଦେବ ଭବନଠାରେ ଚାଲିଥିବା ତିନିଦିନିଆ ଓଡ଼ିଆ ସାହିତ୍ୟ ସମାରୋହର ଦ୍ୱିତୀୟ ସତ୍ର 'ସିଂହାରଶୃଙ୍ଗାର'ରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ଏହା କହିଛନ୍ତି। ଅନୁଷ୍ଠାନର ସଭାପତି ନୀଳାଦ୍ରିମୋହନ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଓଡ଼ିଆ ସାହିତ୍ୟରେ ବିଦଗ୍ଧକବି ଅଭିମନ୍ୟୁଙ୍କ ସାଙ୍ଗୀତିକ ଚମତ୍କାରିତା ଓ ଭାଷା ବିନ୍ୟାସର ସ୍ୱତନ୍ତ୍ରତା ପ୍ରକାଶ କରିଥିଲେ। ବରେଣ୍ୟ ଅତିଥି ତଥା ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଅଭିମନ୍ୟୁ ସାହିତ୍ୟର ଆଧୁନିକ ପ୍ରାସଙ୍ଗିକତା ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ। ସେହିପରି ବରେଣ୍ୟ ବକ୍ତା ଭାବେ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ସଞ୍ଜିତା ମିଶ୍ର ଉପସ୍ଥିତ ରହି ଅଭିମନ୍ୟୁ ସାହିତ୍ୟର ସମୃଦ୍ଧ ଦିଗଦିଗନ୍ତ ସମ୍ପର୍କରେ ସମୀକ୍ଷା କରି ବକ୍ତବ୍ୟ ରଖିଥିଲେ। ସଭାର ମୁଖ୍ୟବକ୍ତା ତଥା ଅନୁଷ୍ଠାନର ସମ୍ପାଦକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ଅଭିମନ୍ୟୁ ରଚନାରେ ନାମ ଓ ପ୍ରେମ ଉପରେ ବିଶଦ ଆଲୋଚନା କରିଥିଲେ। ପ୍ରାରମ୍ଭରେ ନାଦବ୍ରହ୍ମ ଅନୁଷ୍ଠାନ ପକ୍ଷରୁ କଣ୍ଠଶିଳ୍ପୀ ମହାପାତ୍ର ମୀନତି ଭଞ୍ଜ ଓ ମର୍ଦ୍ଦଳବାଦକ ପ୍ରଫେସର୍ ଜଗନ୍ନାଥ କୁଅଁରଙ୍କ ଦ୍ୱାରା ଭଞ୍ଜସଙ୍ଗୀତ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟ ପ୍ରସନ୍ନ କୁମାର ବେହେରା ସଙ୍ଗୀତ କାର୍ଯ୍ୟକ୍ରମକୁ ସଂଯୋଜିତ କରିଥିବା ବେଳେ ବରିଷ୍ଠ ସଦସ୍ୟ ପବିତ୍ର ମୋହନ ସାହୁ ଧନ୍ୟବାଦ ଦେଇଥିଲେ। ଏଥିରେ ବହୁସଂଖ୍ୟାରେ ସାହିତ୍ୟପ୍ରେମୀ ଯୋଗ ଦେଇଥିଲେ।

## ୧୬ ଲୋକସଭା ଓ ୨୮ ବିଧାନସଭାରେ ଲଢ଼ିବ ଏସ୍‌ୟୁସିଆଇ

ଭୁବନେଶ୍ୱର, ୧୪।୩(ସମିସ)

ଆଗାମୀ ନିର୍ବାଚନରେ ଏସ୍‌ୟୁସିଆଇ (ସି) ଦଳ ସମଗ୍ର ଦେଶରେ ୧୫୧ଟି ଲୋକସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଏହାସହ ଓଡ଼ିଶାର ୧୬ଟି ଲୋକସଭା ଓ ୨୮ଟି ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବବୋଲି ଗୁରୁବାର ଲୋହିଆ ଏକାଡେମୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜ୍ୟ କମିଟି ପକ୍ଷରୁ ଘୋଷଣା କରାଯାଇଛି। ଦଳ ପକ୍ଷରୁ କୁହାଯାଇଛି ଯେ ସଂସଦ ଓ ବିଧାନସଭା ଗୃହରେ ସାଧାରଣ ମଣିଷର ସ୍ୱରକୁ ପ୍ରତିଧ୍ୱନିତ୍ୱ କରିବା ପାଇଁ ସୁଯୋଗ ଦିଅନ୍ତୁ। ଏହି ସମ୍ମିଳନୀରେ ଏସ୍‌ୟୁସିଆଇ ଓଡ଼ିଶା ରାଜ୍ୟ କମିଟିର ସମ୍ପାଦକ ତଥା କେନ୍ଦ୍ରୀୟ କମିଟି ସଦସ୍ୟ କମ୍ରେଡ୍ ଶଙ୍କର ଦାଶଗୁପ୍ତା, ରାଜ୍ୟ କମିଟିର ବରିଷ୍ଠ ସଦସ୍ୟ କମ୍ରେଡ୍ ବିଷ୍ଣୁ ଦାସ, ସମ୍ପାଦିକା ସ୍ୱାଙ୍ଗପ୍ରଭା ନାୟକ, ଅଶୋକ ମିଶ୍ର ଓ ବିଶ୍ୱାବସୁ ଦାସ ଉପସ୍ଥିତ ଥିଲେ।







### ମା' ମଙ୍ଗଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ନୂଆଗାଁକୁ ହରାଇ ବଡ଼ରଘୁନାଥପୁର ଚାମ୍ପିଅନ

ବଡ଼ରଘୁନାଥପୁର, ୧୪।୩(ସମିସ): ଭୁବନେଶ୍ୱର ଉପକଣ୍ଠ ନୂଆଗାଁର ମା' ମଙ୍ଗଳା କ୍ରିକେଟ ଆସୋସିଏସନ୍ ପକ୍ଷରୁ ପ୍ରତିବର୍ଷ ଭଳି ଏ ବର୍ଷ ୮ଟି ଟିମ୍‌କୁ ନେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମେଣ୍ଢାଶାଳ, ଘାଟିକିଆ, ଭରତପୁର, ଶ୍ୟାମପୁର, ବଡ଼ରଘୁନାଥପୁର, ଗୋଠପାଟଣା ଏବଂ ନୂଆଗାଁ କ୍ରିକେଟ କ୍ଲବ୍ ଆଦି ଟିମ୍ ମଧ୍ୟରେ ଖେଳ ହୋଇଥିଲା। ବଡ଼ରଘୁନାଥପୁର କ୍ରିକେଟ୍ କ୍ଲବ୍ ସହ ନୂଆଗାଁର ମା' ମଙ୍ଗଳା କ୍ରିକେଟ କ୍ଲବ୍ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ମା' ମଙ୍ଗଳା ଦଳ ସମସ୍ତ ୱିକେଟ୍ ହରାଇ ୧୨ଓଭର୍‌ରେ ୭୧ରନ୍ ସଂଗ୍ରହ କରିଥିଲା। ଜବାବରେ ନୀଳକଣ୍ଠେଶ୍ୱର କ୍ରିକେଟ୍ କ୍ଲବ୍ ବଡ଼ରଘୁନାଥପୁର ୧୦ଓଭର୍‌ରେ ୪ଟି ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଫଳରେ ଫାଇନାଲ ମ୍ୟାଚରେ ନୀଳକଣ୍ଠେଶ୍ୱର କ୍ରିକେଟ୍ କ୍ଲବ ବଡ଼ରଘୁନାଥପୁର ମା' ମଙ୍ଗଳା କ୍ରିକେଟ୍ କ୍ଲବ୍ ନୂଆଗାଁକୁ ହରାଇ ଚାମ୍ପିଅନ୍ ହୋଇଥିଲା। ଏଥିସହ ନଗଦ ୧୦ ହଜାର ଟଙ୍କା ସହିତ ଚାମ୍ପିଅନ୍ ଟ୍ରଫି ଗ୍ରହଣ କରିଥିଲା। ମା' ମଙ୍ଗଳା କ୍ରିକେଟ୍ କ୍ଲବ୍ ରନର୍ସ ଅପ୍ ଭାବେ ୭ ହଜାର ଟଙ୍କା ସହିତ ଟ୍ରଫି ଗ୍ରହଣ କରିଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁକାନ୍ତ ବେହେରା, ନୂଆଗାଁ ୪ ନମ୍ବର ୱାର୍ଡର ଅନିତା ନାୟକ ଯୋଗ ଦେଇଥିଲେ।

# ଦୁବାଇ ଦେଖିଲା ଓଡ଼ିଆ ଜନଜାତି ଚିତ୍ରକଳା

ଭୁବନେଶ୍ୱର, ୧୪।୩(ସମିସ)



ବିଦେଶ ମାଟି ଦୁବାଇଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ଅଧୀନରେ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି ଓଡ଼ିଶା ଜନଜାତି ଚିତ୍ର କଳା ପ୍ରଦର୍ଶନୀ। ଦୁବାଇରେ ଭାରତର କନ୍ସୁଲ ଜେନେରାଲ ସତୀଶ କୁମାର ଶିବମ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଜନଜାତି କଳା ଉଚ୍ଚ କୋଟୀର, ତାଙ୍କୁ ଅଭିଭୂତ କରିଛି ଏବଂ ସେ ନିଜେ ଓଡ଼ିଶା ଆସି ସେମାନଙ୍କ ଗାଁକୁ ବୁଲିଯିବେ ବୋଲି କହିଥିଲେ। ଏଭଳି ପ୍ରଦର୍ଶନୀ ଆୟୋଜନ ଦ୍ୱାରା ଓଡ଼ିଶାର ଜନଜାତି ଶିଳ୍ପୀମାନଙ୍କ ପ୍ରଚାର ଓ ପ୍ରସାର ସହିତ ଭାରତ ଓ ଦୁବାଇ ପରସ୍ପର ପାରମ୍ପରିକ ସଂସ୍କୃତିର ବିନିମୟ ହୋଇପାରିବ ବୋଲି ଅତିଥି ମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ଏକାଡେମୀର ସଭାପତି, ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ ଅତିଥିଙ୍କୁ ସ୍ୱାଗତ କରିବା ସହିତ ପ୍ରଦର୍ଶନୀର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ପ୍ରଥମଥର ବିଦେଶ ମାଟିରେ, ଦୁବାଇଠାରେ ଓଡ଼ିଶାର ଜନଜାତି ଚିତ୍ରକଳା ଅଙ୍କନ କରି ଓଡ଼ିଶାର କଳା ସଂସ୍କୃତିର ନିଖୁଣ ଚିତ୍ର ପ୍ରଦର୍ଶନ କରିଥିବାରୁ ଶିଳ୍ପୀମାନଙ୍କୁ ସମସ୍ତେ ଉଚ୍ଚପ୍ରଶଂସା କରିଥିଲେ। ବିନୋଦିନୀ ସିଂହ, ସୁଜନ୍ମତି ଏକା, ଇନ୍ଦିରା ଗୋମାଙ୍ଗ, ସୁକୁମତି ଥିଉ, ସୌଭାଗ୍ୟ ମଞ୍ଜରୀ ମଲ୍ଲିକ, ସୁଭଦ୍ରା କରୱା, ଡଲି ଜାନୀ, ସୂର୍ଯ୍ୟଲତା ନାୟକ, ଭାରତୀ ଟୁଡୁ, ଜୁନେଶ ଗୋମାଙ୍ଗ, ରାଜେନ୍ଦ୍ର ସିଂ ଲାଗୁରି, ସନ୍ତୋଷ ସିଂ ଖୁଣ୍ଟିଆଜ, ଯୋଗୀ ଶବର, ସାମସନ୍ ଗୋମାଙ୍ଗ ଏବଂ ଅନିଲ କେରକେଟା ପ୍ରମୁଖ ଶିଳ୍ପୀମାନେ ହ୍ୟାଟ୍ ପ୍ଲେସ ଦୁବାଇ ଅଲ ରିଗାଠାରେ ୩ ଦିନ ଧରି ଓଡ଼ିଶାର ସୁପ୍ରସିଦ୍ଧ ସୌରା ଚିତ୍ର, ସାନ୍ତାଳ, କନ୍ଧ, ହୋ ଓ କୋଲହ ଆଦି ସମ୍ପ୍ରଦାୟର ଚିତ୍ର ଅଙ୍କନ କରୁଛନ୍ତି। ଏକାଡେମୀର ସଚିବ ପଞ୍ଚାନନ ସାମଲ ପ୍ରଦର୍ଶନୀକୁ ପରିଚାଳନା କରିଥିଲେ। ପ୍ରଦର୍ଶନୀ ଅବସରରେ ଦୁବାଇରେ ରହୁଥିବା ଭାରତୀୟ ଚିତ୍ରଶିଳ୍ପୀ ଓ କଳା ପ୍ରେମୀ ପ୍ରଦର୍ଶନୀ ବୁଲି ଦେଖିବା ସହିତ ଓଡ଼ିଶା ଜନଜାତି ଚିତ୍ରକଳାର ଭୂୟସୀ ପ୍ରଶଂସା କରିଥିଲେ।

### ■ ଭୁବନେଶ୍ୱରରେ ହାର୍ଭାର୍ଡ କେନେଡି ସ୍କୁଲ୍‌ର ଛାତ୍ରଛାତ୍ରୀ

# ବିଦେଶୀ ପଢ଼ିଲେ '୫-ଟି' ମଡେଲ୍ ପୁଲିସିଂ ପାଠ

ଭୁବନେଶ୍ୱର, ୧୪।୩(ସମିସ): ହାର୍ଭାର୍ଡ କେନେଡି ସ୍କୁଲର ୪୦ ଜଣ ଛାତ୍ରଛାତ୍ରୀ ପଢ଼ିଲେ '୫-ଟି' ମଡେଲ୍ ପୁଲିସିଂ ପାଠ। କମିସନରେଟ୍ ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ପାଠ ପଢ଼ିଛନ୍ତି ବିଦେଶୀ ଛାତ୍ରଛାତ୍ରୀ। ଏହି କାର୍ଯ୍ୟକ୍ରମରେ ପୁଲିସ କମିସନର୍ ସଞ୍ଜୀବ ପଣ୍ଡା, ଅତିରିକ୍ତ ପୁଲିସ କମିସନର୍ ଅବିନାଶ ଏବଂ ଡିସିପି ପ୍ରତୀକ ସିଂ ଉପସ୍ଥିତ ରହିଛି ଛାତ୍ରଛାତ୍ରୀଙ୍କୁ '୫-ଟି' ପୁଲିସିଂ ବିଷୟରେ ବୁଝାଇଥିଲେ। ପୁଲିସ ମିଶନ ଏବଂ କାର୍ଯ୍ୟ ଏବଂ ୱିଇ କେୟାର ଏବଂ ୱିଇ ଡେୟାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାରୀଙ୍କ ଜନହିତକାରୀ ଯୋଜନା କମିସନରେଟ୍ ପୁଲିସକୁ ବଦଳାଇ ଦେଇଛି। '୫-ଟି' ମଡେଲ୍ ପୁଲିସିଂର ସୁବିଧା ପାଉଛନ୍ତି ନାଗରିକ ଏବଂ ଏହି '୫-ଟି' ମଡେଲ୍ ପୁଲିସିଂ ଆଧାରରେ ଥାନାଗୁଡ଼ିକର ମଧ୍ୟ ବିକାଶ ହେଉଛି। ତଦନ୍ତ ଏବଂ ଯାଞ୍ଚ ମାଧ୍ୟମରେ ଅଭିଯୋଗକାରୀଙ୍କୁ ନ୍ୟାୟ ଦିଆଯାଇପାରୁଛି। ଏଥିସହ ପୁଲିସର ତଦନ୍ତରେ ମଧ୍ୟ ପରିବର୍ତ୍ତନ ଆସିଛି। ନିଶା ସେବନକୁ ରୋକିବା ପାଇଁ ମଧ୍ୟ ପୁଲିସ ସଂସ୍କାରମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି। ବସ୍ତିକୁ ଚାଲ' ଭଳି

**'ବସ୍ତିକୁ ଚାଲ', ଷ୍ଟୁଡେଣ୍ଟ ଟ୍ରାଫିକ୍, ସାଇବର୍ ମିତ୍ରକୁ ବିଦେଶୀ ଛାତ୍ରଛାତ୍ରୀଙ୍କ ପ୍ରଶଂସା**

ସାମାଜିକ ବନ୍ଧନ ଯୋଜନା, ଷ୍ଟୁଡେଣ୍ଟ ଟ୍ରାଫିକ୍ ସ୍ୱେଚ୍ଛାସେବୀ ଯୋଜନା ଏବଂ ସାଇବର୍ ମିତ୍ରଙ୍କ ସହ ମିଶି କମିସନରେଟ୍ ପୁଲିସ ଦ୍ୱାରା ଗ୍ରହଣ କରାଯାଇଥିବା ନାଗରିକ କେନ୍ଦ୍ରିକ ପଦକ୍ଷେପକୁ ବିଦେଶୀ ଛାତ୍ରଛାତ୍ରୀ ପ୍ରଶଂସା କରିଥିଲେ। ବିଦ୍ୟାଳୟ ଏବଂ କଲେଜଗୁଡ଼ିକରେ ସାଇବର୍ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମକୁ ସେମାନେ ସଠିକ୍ ପଦକ୍ଷେପ ବୋଲି କହିଥିଲେ। ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରତିହତ କରିବା ପାଇଁ ରାଜ୍ୟ ସରକାର ଗଠନ କରିଥିବା ବିପର୍ଯ୍ୟୟ ରାପିଡ୍ ଆକ୍ସନ ଫୋର୍ସ (ଓଡିଆରଏଏଫ)ର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଯାଇଥିଲା। ପ୍ରତିନିଧୀମାନେ 'ମୋ ସାରକାର' ଶାସନର ବିଷୟବସ୍ତୁ ଜାଣିଥିଲେ। ମାମଲା, ଅଭିଯୋଗ, କିଭଳି ହେଉଛି ଓ ଲୋକଙ୍କୁ କିଭଳି ତ୍ୱରିତ ନ୍ୟାୟ ଦିଆଯାଉଛି ସେ ସମ୍ପର୍କରେ କମିସନର୍ ବିଦେଶୀ ଛାତ୍ରଛାତ୍ରୀମାନଙ୍କୁ ବୁଝାଥିଲେ। କମିସନର୍ ପୁଲିସରେ ଲାଗୁ ହୋଇଥିବା '୫-ଟି' ଏବଂ 'ମୋ ସରକାର' କାର୍ଯ୍ୟକାରିତା ଉପରେ ଆଲୋକପାତ କରାଯାଇଥିଲା। ନାଗରିକଙ୍କ ସେବା କରିବା ପାଇଁ ପୁଲିସ ସବୁବେଳେ ସଜାଗ ରହିଥିବା ବୁଝାଇଥିଲେ।

